ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨ ଏପ୍ରିଲ, ୨୦୨୩



# କମୁଛି ଲୁଣା ନଦୀର ଜଳସ୍ତର

- ପଡ଼ିଆ ପଡ଼ିବ ଜମି, ମିଳିବନି ପାଣି
- ନଦୀର ଗତିପଥ ପରିବର୍ତ୍ତନ ହେଉଛି
- ସହରର ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ଆଶଙ୍କା

କେନ୍ଦ୍ରାପଡ଼ା ଅଫିସ, ୧।୪



କାଳପଡ଼ାଠାରେ ଶୁଖିଲା ପଡ଼ିଛି ଲୁଣା ନଦୀ ।।

ଗତ ଡିସେମ୍ବରରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଲୁଣା ନଦୀର ଜଳସ୍ତର କମିବାରେ ଲାଗିଛି । ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳର ପିଇବା ପାଣି ସମସ୍ୟା ଉଭା ହେବା ସହିତ ଅବବାହିକାରେ ଥିବା ଚାଷ ଜମି ପଡ଼ିଆ ପଡିବା ଆଶଙ୍କା ଦେଖାଦେଇଛି । ଲୁଣା ନଦୀରୁ ବେଆଇନ ଭାବେ ବାଲି ଉଠା ଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲାରେ ପ୍ରବାହିତ ନଦୀଗୁଡ଼ିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡା ସହରସ୍ଥ ଖଡିଅଙ୍ଗର କ୍ଷୀତିଶ କୁମାର ସିଂହ କହିଛନ୍ତି, ସହରକୁ ପାଣି ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣା ନଦୀର କଳପଡ଼ା ଠାରୁ ପାଣି ଉଠାଯାଉଛି । ତେବେ ଜାନୁୟାରୀରୁ ନଦୀର ପମ୍ପ ହାଉସ ପାଖ ଶୁଖିଲା ପଡିଛି । ଏଥିପାଇଁ ଅପରପାର୍ଶ୍ୱରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ ହାଉସ ନିକଟକୁ ପାଣି ଅଣା ଯାଉଥିଲା । ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି ଏପରି ସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ । ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କୁହନ୍ତ, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ, ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ୍ ହୋଇଛି । ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା । ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡ଼ିଆ ପଡିବ ବୋଲି ଆକଳନ କରାଯାଉଛି । ଏ ସମ୍ପର୍କରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି । ନଦୀର ଲମ୍ୱ ୭୩ କିଲୋମିଟର ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା । ତେବେ ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ପରିବର୍ତ୍ତନ ହୋଇଛି । ଏହି ଜିଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୫,୮୫୦ ହେକ୍ଟର ଚାଷ ଜମିରେ ଉଦ୍‌ବୃତ୍ତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣା । ଏଥିସହ ବର୍ଷାଦିନେ ୩୪,୯୫୨ କ୍ଟେର ଜମିରେ ବନ୍ୟା ଜଳ ମାଡିଯାଉଛି । ଜିଲାର ୮୪,୯୧୦ ହେକ୍ଟର ଜମିକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଇଛି । ନଦୀ ଓ ମୁଖ୍ୟ କେନାଲଗୁଡ଼ିକର ଜଳ ପରିଚାଳନା ପାଇଁ ଜିଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ । ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣା ନଦୀର ଜଳସେଚନ ଫଳରେ ଜିଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ ଆଖୁ ପରି ଅର୍ଥକାରୀ ଫସଲ, ପନିପରିବା ଚାଷ ହେଉଥିଲା । ତେବେ ଗତ କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରି ସ୍ଥିତି ଉପୁଜିଛି ବୋଲି ସେ ମତ ଦେଇଛନ୍ତି । କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାରେ ୭ ନଦୀ ପ୍ରବାହିତ ହେଉଛି । ଏହି ନଦୀଗୁଡିକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା । ଏନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି । ଆଗାମୀ ଦିନରେ ଚାଷ ସହ ପାନୀୟ ଜଳ ଜିଲା ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ଲୁଣା ନଦୀର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ଚାଲୁ ରହିଛି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆର୍ଥିକ ଅନୁଦାନ ଆସିଛି । ଖୁବ୍‌ଶୀଘ୍ର ଜିଲାବାସୀ ଏହାର ସୁଫଳ ପାଇବେ ବୋଲି ସେ ମତ ଦେଇଛନ୍ତି ।

## ବିଷାକ୍ତ ଛତୁ ଖାଇ ୯ ଅସୁସ୍ଥ

ପଟ୍ଟାମୁଣ୍ଡାଇ, ୧।୪ (ସ୍ୱ.ପ୍ର.)



ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା ଚାଲିଛି ।

ବିଷାକ୍ତ ଛତୁ ଖାଇ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ କଇଁକୁଳା ଗ୍ରାମର ୪ ପରିବାରର ୯ ଜଣ ଅସୁସ୍ଥ ହୋଇଛନ୍ତି । ସେମାନେ ହେଲେ ସୁକାନ୍ତି ସେଠୀ (୫୫), ପ୍ରେମଲତା ସେଠୀ (୫୦), ସାଗର ସେଠୀ (୧୮), ବିଶ୍ୱଜିତ ସେଠୀ (୧୫), ମୀନତୀ ସେଠୀ (୩୫), ମାନସୀ ସେଠୀ (୪୦), ସୀମାରାଣୀ ସେଠୀ (୨୮), କବିତା ସେଠୀ (୩୫) ଓ ଜିତ୍ ପ୍ରକାଶ ସେଠୀ (୩) । ଗୁରୁତର ଅବସ୍ଥାରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଚିକିତ୍ସିତ ହେଉଛନ୍ତି । ଏମାନଙ୍କ ମଧ୍ୟରୁ ସୀମାରାଣୀ ଗର୍ଭବତୀ ହୋଇଥିବା ବେଳେ ଜିତପ୍ରକାଶ ଶିଶୁ ଅଟନ୍ତି । ଏ ସମ୍ପର୍କରେ ସୁକାନ୍ତି କହିଛନ୍ତି, ଅଦିନିଆ ବର୍ଷା ଯୋଗୁ ନିକଟ ପଡିଆରେ ଛତୁ ଫୁଟିଥିଲା । ସକାଳେ ଏହାକୁ ତୋଳି ଘରକୁ ନେଇ ତରକାରୀ କରି ଖାଇଥିଲେ । ଖାଇବାର କିଛି ସମୟ ପରେ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଅଧିକାଂଶଙ୍କ ମୁଣ୍ଡ ବୁଲାଇବାରୁ ଡାକ୍ତରଖାନାକୁ ପରିବାର ଲୋକେ ଆଣିଥିଲେ ।

## ଟିଉଶନ ଯାଇ ଘରକୁ ଫେରିଲେନି ନିତିନ

ଆଳି, ୧।୪ (ଡି.ଏନ୍.ଏ.)

ଟିଉଶନ ଯିବ କହି ଘରୁ ବାହାରିଯାଇଥିଲା ପୁଅ । କିନ୍ତୁ ପୁଅ ନା ଟିଉଶନ ଯାଇଛି ନା ଘରକୁ ଫେରିଛି । ଦୁଇ ଦିନ ହେବ ପୁଅ କେଉଁଆଡେ ନିଖୋଜ ହେବା ପରେ ମା'କାନ୍ଦୁଥିବା ବେଳେ ବାପା ଓ ବଡ଼ ଭାଇ ପାଗଳ ଭଳି ଏଣେତେଣେ ଖୋଜିବାରେ ଲାଗିଛନ୍ତି । ଏ ସଂକ୍ରାନ୍ତରେ ମା' ବନଲତା ଦାସ ଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଅଙ୍ଗାରଖ ଗ୍ରାମରେ ବନଲତା ନିଖୋଜ ପୁଅ ନିତିନଙ୍କୁ ଖୋଜି ଆଣିବାକୁ ପୋଲିସକୁ ଅନୁରୋଧ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ନିତିନ ଦାସ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ +୨ ବାଣିଜ୍ୟ ଛାତ୍ର । ପ୍ରତିଦିନ ସକାଳ ୬ ଟାରେ ସେ ପଟ୍ଟାମୁଣ୍ଡାଇ ଟିଉଶନ ଯାଇ ଘରକୁ ଫେରିଆସନ୍ତି । ସବୁଦିନ ପରି ଶୁକ୍ରବାର ସକାଳେ ସାଇକେଲ ନେଇ ସକାଳ ୬ ଟାରେ ସେ ଟିଉଶନ ଯାଇଥିଲେ । କିନ୍ତୁ ଟିଉଶନ ସମୟ ଅତିକ୍ରାନ୍ତ କରିବା ପରେ ସେ ଘରକୁ ଫେରି ନ ଥିଲେ । ପରିବାର ଲୋକେ କୋଚିଂ ସେଣ୍ଟର ଯାଇଥିଲେ । ହେଲେ ନିତିନ କୋଚିଂ ସେଣ୍ଟର ଯାଇ ନ ଥିବା ଜାଣିବାକୁ ପାଇଥିଲେ । ବହୁ ଖୋଜା ଖୋଜି ପରେ ପତ୍ରପୁର ପୋଲ ପାଖ ଏକ ଦୋକାନ ନିକଟରୁ ନିତିନଙ୍କ ସାଇକେଲ ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ନିତିନଙ୍କ ସାଇକେଲ ପମ୍ପଚର ହୋଇଯିବାରୁ ଦୋକାନ ପାଖରେ ରଖି ଚାଲି ଚାଲି ଟ୍ୟୁଶନ ଯାଇଥିଲେ । ଏହି ଘଟଣାକୁ ୨ ଦିନ ବିତିଥିଲେ ମଧ୍ୟ ନୀତିନଙ୍କୁ ପୋଲିସ ଠାବ କରିବାରେ ସଫଳ ହୋଇନାହିଁ । ନିତିନ ନିଜେ କେଉଁଆଡେ ଚାଲିଯାଇଛନ୍ତି ନାଁ ତାଙ୍କୁ କେହି ଅପହରଣ କରିନେଇଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଆଳି ଥାନା ଅଧିକାରୀ ଦାୟିତ୍ୱରେ ଥିବା ରାଜକନିକା ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କୁ ପଚାରିବାରୁ ନିତିନ୍‌ଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା କହିଛନ୍ତି ।



ନିତିନ ଦାସ

## ଟ୍ରକ ଧକ୍କାରେ ଯୁବକ ମୃତ

ଚଣ୍ଡିଖୋଲ, ୧।୪ (ଡି.ଏନ.ଏ.):

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥରେ ଲୁହାପଥର ବୋଝେଇ ଟ୍ରକ ଗୋଟିଏ ପାର୍ଶ୍ୱ ଜାତୀୟ ରାଜପଥକୁ ଅଚଳ କରିଦେବା ଯୋଗୁ ଦୁର୍ଘଟଣା ଘଟୁଛି । ଶନିବାର ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭାକୁଡ଼ଛକ ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ଚୈତନ୍ୟ ନାୟକଙ୍କ ପୁତ୍ର ଦୀପ୍ତି ରଞ୍ଜନ (୩୫) । ସେ ଭାକୁଡ ଛକ ନିକଟରେ ଠିଆ ହୋଇଥିବାବେଳେ (ଓଡି-୦୪-ଏନ-୦୪୩୨) ନଂ ବିଶିଷ୍ଟ ଟ୍ରକ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଦୀପ୍ତିରଞ୍ଜନଙ୍କ ମୃତ୍ୟୁ ହୋଇଥିଲା । ବାଲିଚନ୍ଦ୍ରପୁର ପୋଲିସ ନଂ.୧୧୫/୨୩ରେ ଏକ ମାମଲା ରୁଜୁ କରି ଟ୍ରକକୁ ଜବତ କରିଛି । ମୃତ ଦୀପ୍ତିରଞ୍ଜନଙ୍କ ବଡ଼ ମା'ଙ୍କର ଶୁକ୍ରବାର ମୃତ୍ୟୁ ହୋଇଥିଲା । ସେ ଏହି ଖବର କହିବାକୁ ବନ୍ଧୁ ଘରକୁ ଯାଇ ଫେରିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ



@ ନୀଳମାଧବ



@ ରଣଜିତ



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

### ଯାଜପୁରରେ ଶ୍ରୀରାମ ଶୋଭାଯାତ୍ରା

- ସାମିଲ ହେଲେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ
- କବରଖାନାରେ ପତକା କାଢ଼ିବାକୁ ନେଇ ଉତ୍ତେଜନା

ଯାଜପୁର ଟାଉନ, ୧।୪ (ଡି.ଏନ.ଏ.):



ଶ୍ରୀରାମ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

ଶ୍ରୀରାମ ନବମୀ ପାଇଁ ଶ୍ରୀରାମ ସେବା ସମିତି ପକ୍ଷରୁ ଯାଜପୁର ସହରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ସାମିଲ ହୋଇ ଶୋଭାଯାତ୍ରାର ଶୋଭା ବୃଦ୍ଧି କରିଥିଲେ । ମହିଳାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତେ ଜୟ ଶ୍ରୀରାମ ଧ୍ୱନୀ ଉଚ୍ଚାରଣ କରିବାରୁ ସହର କମ୍ପି ଉଠିଥିଲା ।

ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ସହର ପରିକ୍ରମା କରାଯାଇଥିଲା । ରାତି ୧୦ଟାରେ ଦେବୀଗଡ଼ା ଘାଟଠାରେ ମୂର୍ତ୍ତିଗୁଡିକୁ ବିସର୍ଜନ କରାଯାଇଥିଲା । ଯାଜପୁର ସହର ଯାଉଁଳିବନ୍ଧସ୍ଥିତ ମଙ୍ଗଳା ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି କୁଆଁସରପୁର, ଯୋଡ଼ିକୁଅ, ଗରିଆପୁର, ମେଡିକାଲଛକ, ଗାନ୍ଧିଛକ, ହାବେଳିବଜାର, ହରପାର୍ବତୀଛକ, ବଡବଜାରଛକ ଦେଇ ଦେବୀଗଡା ଘାଟରେ ପହଞ୍ଚିଥିଲା । ସହରର ବିଭିନ୍ନ ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳପାନ ବ୍ୟବସ୍ଥା କରାଯାଇଥିଲା । ଯାଜପୁର ସହରର ସମସ୍ତ ବ୍ୟବସାୟୀ ସଂଘ, ପୂଜା କମିଟି, ଯୁବକ ସଂଘ ଓ ଅନ୍ୟାନ୍ୟ ସଂଘ ଏକତ୍ରିତ ହୋଇ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମେଡିକାଲ ଛକଠାରେ ମୁସ୍‌ଲିମ ଯୁବକ ସଂଘ ପକ୍ଷରୁ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା । ମାତ୍ର ସହରରେ ଥିବା ମୁସଲିମ ସଂପ୍ରଦାୟର କବରଖାନାରେ କେତେଜଣ ଯୁବକ ଶୋଭାଯାତ୍ରାରେ ଆସି ସେଠାରେ ଲଗାଯାଇଥିବା ପତାକାକୁ କାଢ଼ି ହିନ୍ଦୁ ପତାକା ଲଗାଇ ଭିଡିଓ ରେକର୍ଡିଂ କରିଥିଲେ । ପରେ ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଫଳରେ ଉତ୍ତେଜନା ବୃଦ୍ଧି ପାଇଥିଲା । ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ସେମାନଙ୍କ ଧର୍ମକୁ ଅସମ୍ମାନ କରାଯାଇଥିବା ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଭିଡିଓ ସେୟାର କରିଥିବା ୪ ଯୁବକଙ୍କୁ ରାତିରେ ପୋଲିସ କାବୁକରି ଅଟକ ରଖିଥିଲା । ପରେ ସହରର ଶାନ୍ତିକମିଟି ପକ୍ଷରୁ ମାମଲାର ସମାଧାନ କରାଯାଇଥିଲା । ସହରରେ ପୂର୍ବରୁ କୌଣସି ପର୍ବପର୍ବାଣିରେ ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧରେ ମନୋମାଳିନ୍ୟ ହୋଇ ନ ଥାଏ । ଏହି ଘଟଣାକୁ ନେଇ ଉଭୟ ସମ୍ପ୍ରଦାୟର ଚିନ୍ତିତ ଥିବାବେଳେ ଶାନ୍ତିକମିଟି ମାଧମରେ ଏହି ଘଟଣାକୁ ସମାଧାନ କରାଯିବାରୁ ସମସ୍ତେ ସ୍ୱାଗତ କରିଥିଲେ । କମିଟିରେ ଯାଜପୁର ଉପଜିଲାପାଳ, ଅତିରିକ୍ତ ଏସ୍‌ପି, ଏସଡିପିଓ ଓ ଥାନା ଅଧିକାରୀଙ୍କ ସମେତ ଉଭୟ ସମ୍ପ୍ରଦାୟର ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ପୂର୍ବ ଶତ୍ରୁତାରୁ ପିଟି ମାରି ଦେଇଥିଲେ

### ବିକାଶ ଲେଙ୍କା ହତ୍ୟା ମାମଲା

- ବାପା, ୨ ପୁଅ ଗିରଫ
- ସିନ ରିକ୍ରେସନ କଲା ପୋଲିସ

ରସୁଲପୁର, ୧।୪ (ଡି.ଏନ.ଏ.):





ଗିରଫ ୩ ଅଭିଯୁକ୍ତ ।

କୁଆଖିଆ ଥାନା ରାହାମ୍ବା ପଞ୍ଚାୟତ ଢିଅସାହିର ବିକାଶ ଲେଙ୍କା ହତ୍ୟା ମାମଲାରେ ସାମିଲ ଗୋଟିଏ ପରିବାରର ବାପା ଓ ୨ପୁଅଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ବାପା ହରେକୃଷ୍ଣ ବରାଳ, ବଡ଼ପୁଅ ଗରୁଡ଼ ଓରଫ୍ ପୀତାମ୍ବର ବରାଳ ଓ ସାନପୁଅ ତ୍ରିନାଥ ଓରଫ୍ ତପନ ବରାଳ । ଏହି ୩ ଅଭିଯୁକ୍ତଙ୍କୁ ପୋଲିସ ୨ଦିନ ଅଟକରଖି ପଚରାଉଚରା କରୁଥିଲା । ପୂର୍ବ ଶତ୍ରୁତାରୁ ଅଭିଯୁକ୍ତ ବିକାଶଙ୍କୁ ପିଟି ମାରି ପୋଖରୀରେ ଫିଙ୍ଗି ଦେଇଥିଲେ ବୋଲି ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କ ବୟାନକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି । ଘଟଣା ସହ ଜଡ଼ିତଥିବା ସନ୍ଦେହରେ ଆଉ ୩ ସନ୍ଦିଗ୍ଧଙ୍କୁ ପୋଲିସ ପଚରା ଉଚରା କରି ଛାଡି ଦେଇଥିବା ଜଣାଯାଇଛି ।

ଘଟଣାକୁ ଛାନଭିନ ପାଇଁ ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଥିଲା । ଶନିବାର ସକାଳୁ ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା । ୩ ଅଭିଯୁକ୍ତଙ୍କୁ ଘଟଣା ସ୍ଥଳକୁ ଆଣାଯାଇ ହତ୍ୟାକାଣ୍ଡର ସିନ ରିକ୍ରିଏଶନ କରାଯାଇଥିଲା । ଅଭିଯୁକ୍ତ ବିକାଶଙ୍କୁ କେମିତି ମାରିଥିଲେ ଏବଂ ତାଙ୍କୁ ନେଇ ପୋଖରରୀରେ ଫିଙ୍ଗି ଥିଲେ ସେ ସମ୍ପର୍କରେ ପୋଲିସକୁ ଜଣାଇଥିଲେ ।

ଜମିବିବାଦକୁନେଇ ଅଭିଯୁକ୍ତ ହରେକୃଷ୍ଣ ବରାଳ ଓ ବିକାଶ ଲେଙ୍କା ପରିବାରର ସହ ବିବାଦ ରହି ଆସୁଥିଲା । ୨୦୧୬ରେ ଉଭୟ ପରିବାର ମଧରେ ଗଣ୍ଡଗୋଳ ଉପୁଜିଥିଲା । ସେତେବେଳେ ହରେକୃଷ୍ଣଙ୍କ ପରିବାର ବିକାଶଙ୍କ ୨ ହାତକୁ କୋଦାଳରେ ହାଣି ଦେଇଥିଲେ । ସେବେଠାରୁ ଉଭୟ ପରିବାର ମଧରେ ବିବାଦ ଦେଖାଯିବା ସହ କୋର୍ଟରେ ମାମଲା ରହିଆସୁଥିଲା । ବିଭିନ୍ନ ସମୟରେ ଅଭିଯୁକ୍ତ ପରିବାର ବିକାଶଙ୍କୁ ମାରି ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ବିକାଶଙ୍କ ମା'ବାପାଙ୍କ ମୃତ୍ୟୁ ପରେ ସେ ଏକୁଟିଆ ହୋଇଯାଇଥିଲେ । ତେଣୁ ସେ ନିଜ ଘର ମିର୍ଜାପୁର ଗାଁରେ ରହୁଥିଲେ । କିଛି ଦିନ ହେବ ସେ ରାହାମ୍ବା ସ୍ଥିତ ମାମୁ ଘରକୁ ଆସିଥିଲେ । ଘଟଣା ଦିନ ଜଣେ ସହଯୋଗୀଙ୍କ ସହ ମଧୁବନ ବଜାରରୁ ବିରିୟାନି ଆଣି ଘରକୁ ଫେରିଥିଲେ । ସହଯୋଗୀଙ୍କୁ ଘରେ ଛାଡି ଦେଇ ଗୋଟିଏ ପାକେଟ ବିରିୟାନି ନେଇ ଘରକୁ ଯାଇଥିଲେ । ପରେ ବିକାଶ ସହଯୋଗୀଙ୍କ ସହାୟତାରେ ଗାଁର ଏକ ସ୍ଥାନକୁ ଯାଇଥିଲେ । ସେଠାରେ ଛାଡି ସହଯୋଗୀ ଘରକୁ ଫେରି ଆସିଥିଲେ । ଏହି ଦିନ ବିକାଶଙ୍କୁ ମାରିବାକୁ ଅଭିଯୁକ୍ତ ଯୋଜନା କରିଥିଲେ । ସେଥିପାଇଁ ଅଭିଯୁକ୍ତ ତାଙ୍କ ଗତିବିଧିକୁ ଅନୁଧ୍ୟାନ କରୁଥିଲେ । ଏକ ହୋଟେଲରେ ଅଭିଯୁକ୍ତ ଗରୁଡ କାମ କରୁଥିଲେ । ସେ ହୋଟେଲରୁ ଫୋନ ଯୋଗେ ବିକାଶଙ୍କ ଗତିବିଧିକୁ ପଚାରି ବୁଝୁଥିଲେ । ରାତିରେ ବିକାଶ ମାମୁ ଘରକୁ ଫେରୁଥିବା ଜାଣି ହରେକୃଷ୍ଣ ଓ ତାଙ୍କ ସାନପୁଅ ବିକାଶଙ୍କୁ ଅଟକାଇ ରଖି ଗରୁଡ଼ଙ୍କୁ ଡାକିଥିଲେ । ସେ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତେ ମିଶି ବିକାଶଙ୍କୁ ମାରିଥିଲେ । ହତ୍ୟାକାଣ୍ଡକୁ ନେଇ ବିକାଶଙ୍କ ଦାଦା ନିଳମଣି ଲେଙ୍କା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଥାନାରେ ନଂ.୧୦୫/୨୩ରେ ଏକ ମାମଲା ରୁଜୁ କରିଥିଲା । ଥାନା ଅଧିକାରୀ ଶିବ ଚରଣ ବେହେରା ଘଟଣାର ତଦନ୍ତ କରୁଛନ୍ତି । ଘଟଣାରେ ଆଉ କାହାର ସଂପୃକ୍ତି ରହିଛି କି ନାହିଁ ସେ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ୩୦ବର୍ଷ ପରେ ବି ବଦଳୁନି ସଦର ମହକୁମାର ରୂପରେଖ

■ସୁବିନିଯୋଗ ହୋଇ ପାରୁନି ପ୍ରାକୃତିକ ସମ୍ପଦ

■ସାମଗ୍ରିକ ବିକାଶକୁ ଦିଆଯାଉନି ଗୁରୁତ୍ୱ

ନୟାଗଡ଼ ଅଫିସ,୧।୪

ଏପ୍ରିଲ ୨କୁ ନୟାଗଡ଼ ଜିଲା ଗଠନର ୩୦ ବର୍ଷ ପୁରିଛି । ଜିଲାର କଳେବର ବଢ଼ିଛି । ତେବେ ଜିଲା ସଦର ମହକୁମାର ରୂପରେଖ ବଦଳି ପାରୁ ନାହିଁ । ସୁବିନିଯୋଗ ହୋଇପାରୁନି ପ୍ରାକୃତିକ ସମ୍ପଦ । ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିବାର ଅଭିଯୋଗ ଉଠିଛି । ପୁରୀରୁ ପୃଥକ ହେବା ପରେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ଥିଲେ ହେଁ ପୂର୍ଣ୍ଣାଙ୍ଗ ଜିଲାର ମାନ୍ୟତା ମିଳୁନି। ଜିଲା ଗଠନ ପରଠାରୁ ନୟାଗଡ଼ ରାଜସ୍ୱ ସବ୍‌ଡିଭିଜନରେ ବିକାଶ ଅଟକି ରହିଛି। ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ାରେ ରାଜସ୍ୱ ସବ୍‌ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏହାକୁ ଶୀତଳଭଣ୍ଡାରରେ ପକାଇ ରଖିଛନ୍ତି ବୋଲି ଅଭିଯୋଗ ହୋଇଛି ।

ଗୋଡ଼ିପଡ଼ାରେ ବ୍ଲକ ଓ ତହସିଲ, ଶରଣକୁଳ, କଣ୍ଟିଲୋ ଓ ରାଜସୁନାଖଳାରେ ଏନ୍‌ଏସି ସ୍ଥାପନ କରିବାକୁ ବହୁଦିନ ଧରି ଦାବିହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେଉ ନାହାନ୍ତି । ରଣପୁର ବ୍ଲକ ନୟାଗଡ଼ରେ ରହିଥିବାବେଳେ ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡରେ ରହିଛି । ଟେଲିଫୋନ କ୍ଷେତ୍ରରେ ମଧ୍ୟ ରଣପୁର ଖୋର୍ଦ୍ଧା ଏସଡିଓଙ୍କ ଅଧିନରେ କାର୍ଯ୍ଯ କରୁଛି । ପୁଣି ନୟାଗଡ଼ରେ ଜନସ୍ୱାସ୍ଥ୍ୟ ଡିଭିଜନ ହୋଇପାରୁ ନାହିଁ। ଏହା ଅଦ୍ୟାବଧି ସବ୍‌ଡିଭିଜନ ହୋଇ ଭୁବନେଶ୍ୱର ଅଧୀନରେ କାମ କରୁଛି । ଜିଲା ସଦର ମହକୁମା ପ୍ଲାନିଂ ଅନୁସାରେ ହୋଇ ନ ଥିବାରୁ ନବକଳେବରର ଆବଶ୍ୟକତା ରହିଛି । ହେଲେ ଏହାକୁ ଅଣଦେଖା କରାଯାଉଛି । ଅନ୍ୟପକ୍ଷେ ସବ୍‌ଡିଭିଜନ ହସ୍ପିଟାଲଥିବାବେଳେ ଭଲ ସେବା ମିଳୁଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟହେବାପରେ ଡାକ୍ତର ଅଭାବ ସମସ୍ୟା ଦୂର ହୋଇ ପାରୁନି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୬୦ ଡାକ୍ତର ପଦବୀ ଥିବାବେଳେ ୩୦ ଖାଲି ପଡିଛି। ସେହିପରି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୧୨ ଡାକ୍ତରଙ୍କ ସ୍ଥାନରେ ୨୧୪ ଅଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନା ହାତଗୁଞ୍ଜାରେ ସେବା ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଛି । ଜିଲା ମୁଖ୍ୟ ଚିକିତ୍ସାଳୟ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି । ସେହିଭଳି କିଡ୍‌ନୀ, ହାର୍ଟ, ବ୍ରେନ, ଲିଭର ଭଳି ରୋଗ ପାଇଁ ଡାକ୍ତର ନାହାନ୍ତି । ପୁଣି ନୟାଗଡ଼ରେ ମେଡିକାଲ କଲେଜ ହୋଇ ପାରୁ ନ ଥିବାବେଳେ ନୟାଗଡ଼ କଲେଜକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳୁନି । ମହାନଦୀ, ବୃଢଙ୍ଗ, କୁସୁମୀ, କୁଆଁରିଆଁ, ଦୁଆଣ୍ଟ, କମେଇ ପରୀ ଅନେକ ଛୋଟ ବଡ଼ ନଦୀ ଥାଇବି ଜିଲାରେ ପାନୀୟଜଳ ଓ ଜଳସେଚନ ବ୍ୟବସ୍ଥା ବାଟବଣା । ଏଠାର ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭରଶୀଳ । ପୁଣି ଶିଳ୍ପ ତାଲିକାରୁ ନୟାଗଡ଼ର ନାଁ ଲିଭିଗଲା। ଚିନିକଳରେ ତାଲା ପଡିବା ପରେ ଏହି ମାନ୍ୟତା ହଜିଗଲା । ଚିନିକଳ ବନ୍ଦ ଯୋଗୁ ଜିଲାର ଆଖୁଚାଷ କମିଗଲା । ଚାଷୀମାନେ ଚାଷ ପ୍ରତି ବିତସ୍ପୃହ ହୋଇ ଦାଦନ ଖଟିବାକୁ ଯାଉଛନ୍ତି। ଏଠାକାର ଚାଷୀଙ୍କ ପାଇଁ ନୂଆ ଚିନିକଳର ଆବଶ୍ୟକତା ଦେଖା ଦେଇଛି। ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ନାହିଁ । ଗ୍ରୀଷ୍ମଋତୁରେ ପାନୀୟଜଳ ସଙ୍କଟକୁ ଦୂରପାଇଁ ଆନ୍ତରିକତା ନାହିଁ ।

ଲଘୁଖଣିଜ ସମ୍ପଦର ଓ ଚୋରାକାଠ ବ୍ୟବସାୟୀଙ୍କ ଉତ୍ପାଦ ବଢ଼ିଛି । ବ୍ରାଉନସୁଗାର, ମଦ ଓ କଫ ସିରପର କାରବାର ବଢ଼ିଛି । ଗୋଚାଲାଣ ଉପରେ ଲଗାମ ନାହିଁ । ଥାନା ଫାଣ୍ଡିରୁ ଲୋକେ ନ୍ୟାୟ ପାଉ ନ ଥିବା ଅଭିଯୋଗ ହୋଇଆସୁଛି । ଅପରପକ୍ଷେ ନ୍ୟାୟିକ ବ୍ୟବସ୍ଥାରେ ଉପଯୁକ୍ତ ଭିତ୍ତିଭୂମି ମିଳି ପାରିଛି । ସୂଚନଯୋଗ୍ୟ, ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଲୋକଙ୍କ ବିକାଶଧାରକୁ ତ୍ୱରାନ୍ୱିତ କରିବା ପାଇଁ ବଡ଼ବଡ଼ ଜିଲାକୁ ଭାଗ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗଠନ କରିଥିଲେ ୧୩ରୁ ୩୦ଜିଲା । ୧୯୯୩ ଏପ୍ରିଲ ୨ରେ ନୟାଗଡ଼ ଜିଲା ଗଠନ ପରେ ବିକାଶର ଦ୍ୱାହି ଦେଇ ଜିଲା ଉନ୍ନୟନ ପଥରେ ଆଗେଇ ଚାଲିଛି ବୋଲି ଭାଷଣବାଜି ଚାଲିଛି । ହେଲେ ଜିଲାର ସମସ୍ୟା ଓ ନୂଆ କରିବାର ଚିନ୍ତାଧାରାକୁ ଅଣଦେଖା କରାଯାଉଛି। ଜନପ୍ରତିନିଧିକମାନେ ଜିଲା ବିକାଶ ପାଇଁ କାମ କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି । ଏନେଇ ନୟାଗଡ଼ର ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ କୁହନ୍ତି, ଜିଲା ଗଠନର ସୁଫଳ ମିଳିଛି ହେଲେ ବିକାଶ ଭାଷଣବାଜିରେ ସୀମିତ । ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଅଭିଯୋଗ ମୁଣ୍ଡ ଟେକୁଛି । ଜିଲା ପାଇଁ ବୃଢଙ୍ଗ ଜଳସେଚନ, ପ୍ରତି ସହର ଓ ଗାଁରେ ପାନୀୟଜଳର ସୁବିଧା, ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ, ମେଡିକାଲ କଲେଜ ସ୍ଥାପନ, ବିଶ୍ୱ ବିଦ୍ୟାଳୟ ସ୍ଥାପନ, ତାଳଚେର ଗୋପାଳପୁର ରେଲଲାଇନ ନିର୍ମାଣ ପରି ଦାବିକୁ ଗୁରୁତ୍ୱ ଦିଆଯାଉନି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ନୟାଗଡ଼ ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅର୍ଥନୈତିକ କ୍ଷେତ୍ରରେ ବିକାଶ କରିଛି । ଜିଲାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇ ଲୋକଙ୍କୁ ସବୁ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରଚେଷ୍ଟା ଜାରି ରହିଛି ।

## ନକଲି ମଦ କାରଖାନାରେ ଚଢ଼ାଉ

### ବିଦେଶୀ ମଦ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧।୪:** ନକଲି ମଦ କାରଖାନାରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ପୋଲିସ ପକ୍ଷରୁ ଚଢାଉ ସହ ଦିଗପହଣ୍ଡି ଥାନା କଇଠଖଣ୍ଡି ଛକରେ ଶୁକ୍ରବାର ଏକ ମଦ ବୋଝେଇ ଅଟୋକୁ ଧରିଥିଲା । ଉକ୍ତ ମଦ ସରୋଜ କୁମାର ପଣ୍ଡା ନେଇ ଯାଉଥିବା ବେଳେ ଧରାପଡିଥିଲେ । ତାଙ୍କୁ ପଚରାଉଚରା ପରେ ଟିମ୍ ତାଙ୍କ ଘର କେ.ନୂଆଗାଁ ଥାନା ଅନ୍ତର୍ଗତ ଖମ୍ବାରଗାଁରେ ଥିବା ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରିଥିଲା । ସେଠାରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ଓ କଞ୍ଚାମାଲ ଇତ୍ୟାଦି ଜବତ କରିଥିଲା । ଉକ୍ତ ଫ୍ୟାକ୍ଟ୍ରିରୁ ୪୩୨ ବିଦେଶୀ ମଦ ବୋତଲ, ୩୫ଲିଟର ସ୍ପିରିଟ୍, ୧୭୦୪ ଅବକାରୀ ଏ ଲେବଲ, ୧୬ ଶହ କର୍କ, ଖାଲି ବୋତଲ ଓ ପ୍ୟାକିଂ ମେଶିନ ଇତ୍ୟାଦି ଜବତ ହୋଇଛି। ସରୋଜ ତାଙ୍କ ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରି ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ ବୋଲି ଜେରା ବେଳେ କହିଛନ୍ତି। ସେହିପରି କରୋନା ସମୟରେ ବ୍ରହ୍ମପୁର ଓମ୍‌ନଗରରେ ମଧ୍ୟ ଏକ ଘର ଭଡ଼ା ନେଇ ସେଠାରେ ସେ ନକଲି ବିଦେଶୀ ମଦ ପ୍ରସ୍ତୁତ କରି ବିକ୍ରି କରୁଥିଲେ ବୋଲି ଜଣାପଡିଛି। ସରୋଜଙ୍କୁ ମାମଲା ନମ୍ବର ୧୦୫୬/୨୨-୨୩ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ପାଷାଣି ଅହଲ୍ୟା ଉଦ୍ଧାରଣ ବେଶ



ଅହଲ୍ୟା ଉଦ୍ଧାରଣ ବେଶରେ ଶ୍ରୀଜୀଉ ।

### ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ତୃତୀୟ ସନ୍ଧ୍ୟା

ଓଡ଼ଗାଁ, ୧।୪ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ଶନିବାର ତୃତୀୟ ସନ୍ଧ୍ୟାରେ ପ୍ରଭୁ ପାଷାଣୀ ଅହଲ୍ୟାଙ୍କୁ ଶାପମୁକ୍ତ କରୁଥିବା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଋଷି ବିଶ୍ୱାମିତ୍ରଙ୍କ ଅନୁରୋଧକ୍ରମେ ରାମ ଓ ଲକ୍ଷ୍ମଣ ବେନି ଭ୍ରାତା ଅସୁୟା ଶକ୍ତିଙ୍କୁ ବିନାଶ କରିଥିଲେ । ଏଥିରେ ଋଷି ବିଶ୍ୱାମିତ୍ର ସନ୍ତୋଷ ହେବା ସହିତ ଦୁଇଭାଇଙ୍କୁ ସାଙ୍ଗରେ ଧରି ଜାନକୀଙ୍କ ସ୍ୱୟମ୍ବର ସଭାକୁ ଗମନ କରୁଥିଲେ । ଏହି ଶୁଭ ମୂହୁର୍ତ୍ତରେ ସ୍ୱାମୀ ଗୌତମ ମୁନିଙ୍କ ଅଭିଶାପରୁ ଗଙ୍ଗାନଦୀ କୂଳରେ ପାଷାଣୀ ହୋଇ ପଡିଥିବା ଅହଲ୍ୟାଙ୍କୁ ପ୍ରଭୁ ଶ୍ରୀରାମ ପାଦ ସ୍ପର୍ଶ ଦେଇଥିଲେ । ପ୍ରଭୁଙ୍କ ପଦସ୍ପର୍ଶ ମାତ୍ରେ ପାଷାଣୀ ଅହଲ୍ୟା ଶାପମୁକ୍ତ ହୋଇ ନମନ ମୁଦ୍ରାରେ ପ୍ରଭୁଙ୍କୁ ବେନିକର ଯୋଡି କୃତଜ୍ଞତା ଜଣାଉଥିବା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥିଲା। ଅହଲ୍ୟା ଉଦ୍ଧାରଣ ପରେ ରବିବାର ଯାତ୍ରାର ୪ର୍ଥ ସନ୍ଧ୍ୟାରେ ପ୍ରଭୁ ମିଥିଳା ଗମନ ନିମନ୍ତେ ଗଂଗାପାର କରୁଥିବା ଦୃଶ୍ୟରେ ଦର୍ଶନ ଦେବେ । ଶ୍ରୀଜୀଉଙ୍କ ଏହି ବେଶ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହେଉଥିଲା । ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଛି । ହେଲେ ଦୁଇ ଦିନର ବର୍ଷା ଯାତ୍ରା ଦାଣ୍ଡକୁ ଟିକେ ଭିଜାଇ ଦେଇଛି । ମନ୍ଦିର ପ୍ରଶାସନ, ପୂଜକ ପରିଷଦ ସନ୍ଧ୍ୟା ଦର୍ଶନ ପୂର୍ବରୁ ଶ୍ରୀଜୀଉଙ୍କ ବେଶ ସାଜସଜ୍ଜା କରିଥିଲେ ।

## ଦୋକାନରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରଣପୁର,୧।୪(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ସୁନାଖେଳା ପାଣ୍ଡି କସନ୍ଦା ପଞ୍ଚାୟତର କୋଟନିଶୀଳା ଗ୍ରାମର ଏକ ଗ୍ରୀଲ ଦୋକାନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶନିବାର ପୋଲିସ ଜବତ କରିଛି । ସାଇଣ୍ଟିଫିକ ଟିମ ଆସିବାରେ ବିଳମ୍ବ ଘଟିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣାରେ ପୋଲିସ ଗ୍ରୀଲ୍ ଦୋକାନର ମାଲିକ କାର୍ତ୍ତିକ ସୁନ୍ଦରାୟଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି । ମୃତ ଯୁବକ ହେଲା ସିଲୁ ନାୟକ (୨୦) । ସେ ନୟାଗଡ଼ ଜିଲା ଜଗନ୍ନାଥ ପ୍ରସାଦ ଅଧୀନ ନୟାଗଡ଼ ଜିଲା ଗଣିଆ ବ୍ଲକର ବୋଲି ଜଣା ପଡିଛି। ସିଲୁ ନାୟକ ଗତ ୮ ମାସ ହେବ କାର୍ତ୍ତିକଙ୍କ ଗ୍ରୀଲଦୋକାନରେ କାମ କରୁଥିଲେ ବୋଲି ଦୋକାନ ମାଲିକ ପ୍ରକାଶ କରିଛନ୍ତି। ଗ୍ରାମର କେତେଜଣ ଲୋକ କହିବା ମୁତାବକ ସିଲୁ ଶୁକ୍ରବାର ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସରେ ଭୋଜିଭାତ ଖାଇ ରାତି ୯ଟା ରେ ଦୋକାନ ଭିତରପଟୁ ଚାବି ପକାଇ ଶୋଇବାକୁ ଯାଇଥିଲେ । ସକାଳେ ଦୋକାନ ଖୋଲିବା ବିଳମ୍ବ ହେବାରୁ ମାଲିକ କବାଟ ବାଡେଇ ଡାକିଥିଲେ । କିନ୍ତୁ ସିଲୁ ନ ଶୁଣିବାରୁ ଘରୁ ଦ୍ୱିତୀୟ ଚାବି ଆଣି କବାଟ ଖୋଲିଥିଲେ । ଏଥି ସହିତ ମୃତ ଯୁବକର ବାପା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ମୃତ ଦେହକୁ ଜବତ କରିବାସହିତ ଦୋକାନ ମାଲିକ କାର୍ତ୍ତିକକୁ ଅଟକ ରଖି ଛନ୍ତି। ଅଧିକା ତଦନ୍ତ ପାଇଁ ସାଇଣ୍ଟିଫିକ ଟିମକୁ ଡକାଇଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଚାପ ଉତେଜନା ପ୍ରକାଶ ପାଇଛି ।

# ଦୀପ ନିଆଁରେ ଜଳିଗଲେ ମହିଳା

ନୟାଗଡ଼ ଅଫିସ,୧।୪

ନୟାଗଡ଼ ସହରର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟସ୍ଥ ନାରାୟଣ ମନ୍ଦିରରେ ଗତ ମାର୍ଚ୍ଚ ୧୪ରେ ପୂଜାର୍ଚ୍ଚନା କରୁଥିବାବେଳେ ଦୀପ ନିଆଁରେ ପୋଡି ଆହତ ହୋଇଥିବା ମହିଳାଙ୍କ ପରଲୋକ ଘଟିଛି । ମୃତକ ହେଲେ ମିନତୀ ବାରିକ (୬୧) । ଘର ନୂଆଗାଁ ବ୍ଲକର ଗୁଡୁପାଙ୍ଗି ହୋଇଥିବାବେଳେ ନୟାଗଡ ସହରର ତ୍ରିନାଥ ଛକ ସ୍ଥିତ ସବିତା ମୟୀ କଲୋନୀରେ ରହୁଥିଲେ । ଗତ ମାର୍ଚ୍ଚ ୧୪ ତାରିଖ ପୂର୍ବାହ୍ନ ୧୦ରେ ମିନତି ବାରିକ ନାରାୟଣୀ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଇଥିଲେ । ମନ୍ଦିର ଦୀପଷ୍ଟାଣ୍ଡରେ ଦୀପ ଜାଳିବାକୁ ଯାଉଥିବାବେଳେ କେହି ଚଟାଣରେ ଦୀପ ଜାଳି ଚାଲି ଯାଇଥିଲେ। ଚଟାଣରେ ଲାଗିଥିବା ଦୀପ ନିଆଁରେ ମିନତୀଙ୍କ ଲୁଗା ଜଳି ଯାଇଥିଲା । ସେ ସୁତା ଲୁଗା ପିନ୍ଧିଥିଲେ ମଧ୍ୟ ଶରୀରରେ ନିଆଁ ଲାଗି ଯାଇଥିଲା। ସେହି ସମୟରେ ପାଣି ପକାଇ ନିଆଁ ଲିଭାଇବାକୁ ନିଜେ ମିନତୀ ଓ ପାଖରେ ଥିବା କେତେଜଣ ଲୋକ ଉଦ୍ୟମ କରିଥିଲେ । ତେବେ ମନ୍ଦିରର ପାଣି ଟ୍ୟାପରେ ପାଣି ଆସୁ ନ ଥିଲା । ପାଣିରେ ନିଆଁ ଲିଭାଇବା ବେଳକୁ ୩୦ ପ୍ରତିଶତ ପୋଡି ସାରିଥିଲା । ମିନତୀଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥାରେ ଉନ୍ନତି ନଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାର ୧୩ ତମ ଦିବସରେ ଭୁବନେଶ୍ୱରରେ ପ୍ରାଣ ହରାଇଲେ । ଏଭଳିସ୍ଥଳେ ମା'ର ମୃତ୍ୟୁ ପାଇଁ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଜିଲାର ବିଭିନ୍ନ ମନ୍ଦିରରେ ଦୀପ ନିଆଁରୁ ଅନେକ ଭକ୍ତ ଆହତ ଓ ମୃତ୍ୟୁ ହେଉଛି । ଏଣୁ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ମା'ମୃତ୍ୟୁ ନେଇ ପୁଅ ମାନସ ତଦନ୍ତ କରି ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଶନିବାର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଡିଜି, ଜିଲାପାଳ, ଏସପି, ସହକାରୀ ଫାୟାର ଅଫିସର ନୟାଗଡ, ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କୁ ଅବଗତ କରାଇଛନ୍ତି ।

**ଚିକିତ୍ସାର ୧୩ ଦିନ ପରେ ଆଖି ବୁଜିଲେ**





ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ



@ ନୀଳମାଧବ



@ ରଣଜିତ



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଷ୍ଟେଟବ୍ୟାଙ୍କ ଶାଖାରେ ଓଡ଼ିଶା ଦିବସ ପାଳିତ

ଓଡ଼ଗାଁ,୧।୪ (ସ୍ୱ.ପ୍ର.)

ସ୍ଥାନୀୟ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିସରରେ ଶନିବାର ୮୮ ତମ ଓଡ଼ିଶା ଦିବସ ପାଳିତ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଚାଏ ପେ ଚର୍ଚ୍ଚା ଏହି ଆଲୋଚନାଚକ୍ରରେ ସ୍ଥାନୀୟ ବରିଷ୍ଠ ଖବରଦାତା ଓ ବୁଦ୍ଧିଜିବୀ ଅଂଶ ଗ୍ରହଣ କରିଥିଲେ । ବ୍ୟାଙ୍କ ପରିଚାଳକ ସନ୍ତୋଷ କୁମାର ସେଠୀ ଏହାକୁ ପରିଚାଳନା କରିଥିବା ବେଳେ ବ୍ୟାଙ୍କ ଗ୍ରାହକ ସେବାର ଉନ୍ନତୀ କରିଣ ନିମନ୍ତେ ସେ ପରାମର୍ଶ ମାଗିଥିଲେ । ଏଥିରେ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଅଧିବାସ ପଣ୍ଡା, ଅଧ୍ୟକ୍ଷ ରାଜକିଶୋର ସାହୁ ଅଂଶ ଗ୍ରହଣ କରିବା ସହିତ ବ୍ୟାଙ୍କର ଗ୍ରାହକ ସେବାରେ ସନ୍ତୁଷ୍ଟ ଥିବା କହିଥିଲେ । ଏହି ଅବସରରେ ସମସ୍ତଙ୍କୁ ବ୍ୟାଙ୍କ ପରିଚାଳକ ଉପଢୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ପିଲାମାନେ ଥାନା ବୁଲିଲେ, ୧୧୨ର ଉପାଦେୟତା ବୁଝିଲେ



ଥାନା ବୁଲିବାକୁ ଆସିଥିବା ଛାତ୍ରୀଛାତ୍ର ।

ଓଡ଼ଗାଁ, ୧।୪ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନାରେ ଏକ ନିଆରା ଢଙ୍ଗରେ ୮୮ ତମ ଓଡ଼ିଶା ଦିବସ ସହିତ ପୋଲିସ ପ୍ରତିଷ୍ଠା ଦିବସ ପାଳିତ କରିଛି । ସକାଳୁ ନିକଟସ୍ଥ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରର ସମସ୍ତ କୁନିକୁନି ଛାତ୍ରୀଛାତ୍ରୀ ସେମାନଙ୍କ ୟୁନିଫର୍ମ ପିନ୍ଧି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଥାନାକୁ ଆସିଥିଲେ । ସ୍ଥାନୀୟ ଲୋକେ କିଛି ବୁଝିବା ପୂର୍ବରୁ ପିଲାମାନେ ସମସ୍ତ ପୋଲିସ ଅଧିକାରୀଙ୍କ ସମେତ ପୋଲିସ ଫୋର୍ସଙ୍କ ହାତରେ ଗୋଟିଏ ଲେଖା ଗୋଲାପ ଫୁଲ ଧରାଇ ମଥାରେ ଚନ୍ଦନ ସିନ୍ଦୁର ଟିପା ଦେଇ ହାପି ପୋଲିସ ଡେ ବୋଲି କହି ଅଭିନନ୍ଦନ ଜଣାଇବା ସହିତ ବନ୍ଦାପନା କରିଥିଲେ । ଏଥିରେ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତଙ୍କ ସମେତ ଅନ୍ୟ ଅଧିକାରୀମାନେ ଖୁସି ହେବା ସହିତ ପିଲାମାନଙ୍କୁ ସାଙ୍ଗରେ ଧରି ଥାନା ପରିସରରେ ଥିବା ପାର୍କ ବୁଲାଇବା ସହିତ ସମସ୍ତଙ୍କୁ ସମ୍ମିଳନୀ କକ୍ଷରେ ବସାଇ ଭାବ ବିନିମୟ କରିଥିଲେ । ଆବଶ୍ୟକ ପଡିଲେ ବା ଅସହାୟ ପରିସ୍ଥିତିରେ ୧୧୨ କୁ ନଂ. ଡାଏଲ କରି ପୋଲିସର ସହାୟତା ନେବାକୁ ଥାନା ଆଇଆଇସି ପଟାୟତ ପିଲାଙ୍କୁ ପରାମର୍ଶ ଦେଇଥିଲେ ।

# ସେବା ଓ ସମର୍ପଣ ନେଇ କାମ କରିବାକୁ ପରାମର୍ଶ

ନୟାଗଡ଼ ଅଫିସ,୧।୪

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆରେ ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଏ ଅବସରରେ ଏସ୍‌ପି ନିଜ ବାର୍ତ୍ତା ପଢ଼ିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଶାନ୍ତି ଓ ଶୃଙ୍ଖଳା ପାଇଁ ପୋଲିସ ବାହିନୀ କାମ କରୁଛି । ସେବା ଓ ସମର୍ପଣ ଭାବ ନେଇ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ପାଳନ କର । ଗରୀବ ଲୋକ, ମହିଳା,ଶିଶୁଙ୍କୁ ନ୍ୟାୟ ଦିଅ । ପୋଲିସ ପ୍ରଶାସନ ଉପରେ ଲୋକଙ୍କ ଭରସା ରହୁ । ନାଗରିକଙ୍କ ସହ ଉତ୍ତମ ବ୍ୟବହାର ଓ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହିଲେ ସେମାନଙ୍କ ହୃଦୟ ଜିଣିବା ସହଜ ହୋଇଥାଏ ବୋଲି ଏସ୍‌ପି କହିଥିଲେ । ଏଥିରେ ନୟାଗଡ଼ ସଦର ଥାନାର ଏସ୍‌ଆଇ ସ୍ମୃତି ରଞ୍ଜନ ମହାନ୍ତି, ଏଏସ୍‌ଆଇ ପ୍ରଦୀପ କୁମାର ମହାପାତ୍ର, ହାବିଲଦାର ବିଭୂତି ଭୂଷଣ ମହାରଣା, କନ୍‌ଷ୍ଟେବଲ ଦିଲ୍ଲୀପ କୁମାର ବେହେରା, ବିଭୂତି ଭୂଷଣ ଖୁଣ୍ଟିଆ ଓ ପ୍ରଜାନନ୍ଦ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଛି। ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ମଞ୍ଚରେ ଉପସ୍ଥିତ ଥିବାବେଳେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ, ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା, ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି, ଏସ୍‌ଡିପିଓ, ଅତିରିକ୍ତ ଏସ୍‌ପି ପ୍ରମୁଖ ଯୋଗ ଦେଇଥିଲେ।



ସମ୍ମାନିତ ହୋଇଥିବା ପୋଲିସ କର୍ମଚାରୀ ।

### ପୋଲିସ ପ୍ରତିଷ୍ଠା ଦିବସରେ ୬ କର୍ମଚାରୀ ସମ୍ମାନିତ

## ସଂକ୍ଷେପରେ

### ଓଡ଼ିଶା ଦିବସ ଅବସରରେ ରେଳ ଡିଭିଜନ ଦାବି

ଯାଜପୁର ରୋଡ୍,୧।୪(ଡି.ଏନ.ଏ.) ୧୯୩୬ ଏପ୍ରିଲ ୧ ରେ ଓଡ଼ିଶା ଭାଷା ଭିତ୍ତିରେ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇ ପାରିଥିଲା। ସେହିପରି ୧୯୯୩ ଏପ୍ରିଲ ୧ରେ ଯାଜପୁର ଏକ ସ୍ୱତନ୍ତ୍ର ଜିଲା ଭାବେ ଗଠିତ ହୋଇଥିଲା। ତେଣୁ ଏପ୍ରିଲ ୧ ସମସ୍ତ ଯାଜପୁରବାସୀଙ୍କ ପାଇଁ ଗର୍ବ ଓ ଗୌରବର ଦିବସ। ଏହି ପବିତ୍ର ଦିବସ ଅବସରରେ ଯାଜପୁରରୋଡ୍‌ରେ ଇଷ୍ଟକୋଷ୍ଟ ରେଲୱେ ଜୋନ୍‌ର ଏକ ସ୍ୱତନ୍ତ୍ର ଡିଭିଜନର ପ୍ରତିଷ୍ଠା ଦାବିକୁ ଦୋହରାଯାଇଛି। ଆଗାମୀ ଦିନରେ ଏହି ଦାବିକୁ ଜୋରଦାର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଏହି ବଡ଼ ଦାବିକୁ ହାସଲ ପାଇଁ କାର୍ଯ୍ୟ କରିବାକୁ ଶନିବାର ସନ୍ଧ୍ୟାରେ ଉଦୟବଟ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ଦିବସ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଏହାଛଡ଼ା ଓଡ଼ିଆ ଭାଷାରେ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାମାନେ ଫଳକ ଆଦି ଲଗାଇବା ଓ କାର୍ଯ୍ୟ କରିବାକୁ ସମସ୍ତେ ସହମତ ହୋଇଥିଲେ। ଉଦୟବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ସାହିତ୍ୟିକ ଅଧାପକ ଅକ୍ଷୟ କୁମାର ପଣ୍ଡା, ସାଇସେବା ସଂସ୍ଥାର ରାସବିହାରୀ ପଣ୍ଡିତ, ଶିକ୍ଷାବିତ୍ ନୃସିଂହ ଚରଣ ବଳ, ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ଦୀପକ ରଞ୍ଜନ ପାଣିଗ୍ରାହୀ, ନାରୀନେତ୍ରୀ ବିଦ୍ୟୁତପ୍ରଭା ରାୟ, ସନାତନ ମଲ୍ଲିକ, ସୁମନ ରାୟ, ନରହରି ବେହେରା, ଚକ୍ରଧର ମଲ୍ଲିକ, ଭାରତ ଭୂଷଣ ରାଉତ, ପ୍ରଫୁଲ୍ଲ କୁମାର ସାହୁ, ଗୌରୀଶଙ୍କର ପତି, କଳିଙ୍ଗ କେଶରୀ ରାଉତ, ସସ୍ମିତା ମଲ୍ଲିକ, ମଞ୍ଜୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ହରଦୟାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ୫ରୁ ଶଙ୍ଖଚିଲାରେ ମା ହିଙ୍ଗୁଳାଙ୍କ ଯଜ୍ଞୋତ୍ସବ

କୋରେଇ,୧।୪(ଡି.ଏନ୍.ଏ.):ଯାଜପୁରର ଗଣପର୍ବ ଭାବେ ବିବେଚିତ କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ୯୩ତମ ଯଜ୍ଞୋତ୍ସବ ଆସନ୍ତା ୫ରୁ ୧୩ ତାରିଖ ଯାଏ ଅନୁଷ୍ଠିତ ହେବ। ଏନେଇ ମା' ହିଙ୍ଗୁଳାଙ୍କ ସଭାଗୃହରେ ହିଙ୍ଗୁଳା କମିଟିର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଯଜ୍ଞୋତ୍ସବ ପାଇଁ ବ୍ୟାସନଗର ପୌରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଆମିଷ ଭୋଜନ ଓ ରାତ୍ରିପାକ ନିଷେଧ କରାଯାଇଥିବାବେଳେ ପୂଜାସ୍ଥଳରେ ଜୁଆଖେଳ ଓ ଅପେରା ନାଟକକୁ ବାରଣ କରାଯାଇଛି। ମେଳାରେ ୬ ଶହରୁ ଊର୍ଦ୍ଧ୍ୱ ଦୋକାନ ଖୋଲାଯିବ। ବୈଠକରେ କମିଟିର ଉପସଭାପତି ପ୍ରଭାତ ପଥାଳ, ସହ-ସମ୍ପାଦକ ଅନନ୍ତ ଚରଣ ମଲିକ, ନିତି ସମ୍ପାଦକ ମହେନ୍ଦ୍ର କୁମାର ନାୟକ, ଅକ୍ଷୟ କୁମାର ଜେନା, ରଘୁନାଥ ସାହୁ, ରମେଶ ଚନ୍ଦ୍ର ସାହୁ, ଦଶରଥ ନାୟକ, ବାବୁଲାଲ ଗୁରୁ, ସୁରେନ୍ଦ୍ର କୁମାର ସାହୁ, ମଣି ଚରଣ ପଣ୍ଡା, ବଳରାମ ସାହୁ, କୋଷାଧ୍ୟକ୍ଷ ଅମୂଲ୍ୟ ସାହୁ, ଯଜ୍ଞର ମୁଖ୍ୟପୂଜକ ରବିନାରାୟଣ ମିଶ୍ର, ପଣ୍ଡିତ ବାମଦେବ ପାଢ଼ୀ, କମଳେନ୍ଦୁ ପଣ୍ଡା, ବିମଳେନ୍ଦୁ ସାହୁ, ମଣିଚରଣ ପଣ୍ଡା, ଦଶରଥ ନାୟକ, ଚକ୍ରଧର ସାହୁ ପ୍ରମୁଖ ଭାଗ ନେଇଥିଲେ।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି

### ଆମ୍ବେଡକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର


ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଥିବା ଆମ୍ବେଡକର ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତ୍ତା।

ରସୁଲପୁର,୧।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ଅଞ୍ଚଳରେ ସରକାରୀ ଜମିଗୁଡ଼ିକ ପ୍ରତିଷ୍ଠିତ ବ୍ୟବସାୟୀ, ରାଜନେତାଙ୍କ କବ୍‌ଜାରେ ରହିଛି। ଦୀର୍ଘବର୍ଷ ଧରି ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିକୁ ହଡ଼ପକରି ବ୍ୟବସାୟିକ ପ୍ରତିଷ୍ଠାନ କରି ଲାଭବାନ ହୋଇ ଆସୁଛନ୍ତି। କେତେକ କ୍ଷେତ୍ରରେ ବିବାଦୀୟ ଜମିକୁ ପାଚେରି ଜରିଆରେ ଆବଦ୍ଧ କରି ରଖିବାର ଦେଖାଯାଉଛି। ତେଣୁ ଏହି କିସମ ଜମିକୁ ଜବରଦଖଲ ମୁକ୍ତ ପାଇଁ ଆମ୍ବେଡକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରସୁଲୁର ତହସିଲଦାରଙ୍କ ନିକଟରେ ଦାବି କରାଯାଇଛି।

ବଜାର ଚର୍ତୁପାର୍ଶ୍ୱରେ ଥିବା ଓରାଳି, ଚଣ୍ଡିପୁର, ସାରଙ୍ଗପୁର, କୁଆଖିଆ, ରସୁଲପୁର ଆଦି ଗ୍ରାମରେ ବହୁ ସରକାରୀ ଜମି ରହିଛି। ଉକ୍ତ ଜମିଗୁଡ଼ିକୁ ସମ୍ପୃକ୍ତ ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତି କବ୍‌ଜା କରିଛନ୍ତି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ କୁଆଖିଆ ବଜାର ଅବହେଳିତ ଅବସ୍ଥାରେ ରହିଛି। ଦୀର୍ଘବର୍ଷ ଧରି କୁଆଖିଆ ବାଜରରେ ସର୍ବସାଧାରଣଙ୍କ ପାଇଁ ଶୌଚାଳୟଟିଏ ନିର୍ମାଣ କରାଯାଇ ପାରୁନାହିଁ। ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବଜାର ଅଞ୍ଚଳର ବ୍ୟବସାୟୀଙ୍କ ପାଇଁ ପାନୀୟ ଜଳର ସୁବିଧା ନାହିଁ। ବସ୍ ଷ୍ଟାଣ୍ଡ ନାହିଁ, ବସ୍ ରହିଣୀ ପାଇଁ ବାଇପାସ୍ ରାସ୍ତା ନିର୍ମାଣ ସମ୍ଭବ ହେଉନାହିଁ। ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ମାଡି ବସିବା ସହ ଚଞ୍ଚକତା କରି ନିଜ ନାମରେ କରି ନେଇଛନ୍ତି। ସ୍ଥାନୀୟ ଜନସାଧାରଣ, ବାହାର ଅଞ୍ଚଳ ବ୍ୟବସାୟୀ ସରକାରୀ ଜମିକୁ ଲାଗିଥିବା ନିଜସ୍ୱ ଘରବାଡି କିସମରେ ନିର୍ମାଣ କାର୍ଯ୍ୟ କରିବା ବେଳେ ଜବରଦଖକାରୀ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯାଉ ନ ଥିବା ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଟ୍ରଷ୍ଟ ସଭାପତି ଗୟାଧର ମଲିକ, ସମ୍ପାଦକ ଦୁଷ୍ମନ୍ତ କୁମାର ଜେନା, ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ମଲିକ, ରବୀନ୍ଦ୍ର କୁମାର ମଲିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତହସିଲଦାରଙ୍କୁ ଭେଟି ଏପରି ଅଭିଯୋଗ କରିଛନ୍ତି।

## ରସୁଲପୁର ବ୍ଲକ୍‌ର ୨୨ ୱାର୍ଡ ସଭ୍ୟ ପାଇଁ ହେବ ନିର୍ବାଚନ

### ୪ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ

ରସୁଲପୁର,୧।୪(ଡି.ଏନ.ଏ.):

ରସୁଲପୁର ବ୍ଲକ୍ ଅଧୀନ ୧୫ ପଞ୍ଚାୟତର ୨୨ ୱାର୍ଡ ସଭ୍ୟାସଭ୍ୟ ପଦବୀ ଖାଲିପଡ଼ିଛି। ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ଏସବୁ ୱାର୍ଡରେ ସଂରକ୍ଷଣ ମୁତାବକ ଯୋଗ୍ୟ ପ୍ରାର୍ଥୀ ମିଳି ନ ଥିଲେ। ତେଣୁ ନିର୍ବାଚନ ଶେଷ ହେବାର ବର୍ଷକ ପରେ ଏହି ଆସନଗୁଡ଼ିକୁ ପୁନଃ ସଂରକ୍ଷଣ କରାଯାଇ ପଦବୀ ପୂରଣ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ନିର୍ବାଚନ ତାରିଖ ଘୋଷଣା କରାଯିବା ପରେ ସମ୍ପୃକ୍ତ ୱାର୍ଡଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି।

ସେହି ମୁତାବକ ଆସନ୍ତା ୪, ୫ ଓ ୬ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯିବାକୁ ଧାର୍ଯ୍ୟ କରାଯାଇଛି। ୧୦ ତାରିଖରେ ଯାଞ୍ଚ ଓ ଯୋଗ୍ୟ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ୧୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବ। ମେ' ୨ରେ ନିର୍ବାଚନ ଅନୁଷ୍ଠିତ ହେବ। ୪ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

ଏହିକ୍ରମରେ ବ୍ଲକ ଅଧୀନ ଅର୍ଥଗାଁ ପଞ୍ଚାୟତର ୩ ଓ ୭ନମ୍ବର ୱାର୍ଡ, ଓଡ଼ିଶୋ ୧୯ ନଂ., କଲଣର ୫, ୧୪ ଓ ୧୯, ଗନ୍ଧଣରୁ ୨୦, ଟିକରପଡ଼ାରୁ ୨ ଓ ୬, ବଡ଼କଇଞ୍ଚରେ ୧ ଓ ୧୧, ବାହାଦଲାପୁରର ୧୫, ଭୋଟକାର ୪, ମୁଗୁପାଳର ୩ ଓ ୬, ଜାବରାର ୧୦, ରସୁଲପୁରର ୧, ରାଜେନ୍ଦ୍ରପୁରର ୪, ରାହାମ୍ବାର ୬ ଓ ୧୨, ସାମନ୍ତରାପୁରର ୧୬, ଲକ୍ଷ୍ମୀନଗରର ୫ନଂ. ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଆଶାୟୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବିଡିଓ ଅବନିକାନ୍ତ ସାହୁ ବ୍ଲକ ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟ ତଦାରଖ କରୁଛନ୍ତି ବୋଲି ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରଫୁଲ୍ଲ ଜେନା ସୂଚନା ଦେଇଛନ୍ତି।

## ରାମନବମୀ ଶୋଭାଯାତ୍ରା ବେଳେ ଉତ୍ତେଜନା

ଦଶରଥପୁର, ୧।୪(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅଧୀନ କସପା ପଞ୍ଚାୟତସ୍ଥିତ ମସ୍‌ଜିଦ ନିକଟ ରାସ୍ତାରେ ରାମ ନବମୀ ଶୋଭାଯାତ୍ରା ଅତିକ୍ରମ କରୁଥିବାବେଳେ ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତୋଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ଜଣେ ପୋଲିସ ଅଧିକାରୀ ଆହତ ହୋଇଥିବା ଜଣାପଡ଼ିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ କରାଯିବା ସହିତ ଦଶରଥପୁର ଓ ମଙ୍ଗଳପୁର ପୋଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି।

ଶନିବାର ପୂର୍ବାହ୍ନ ୧୦ଟା ସମୟରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶୁଶୁଆ ପଞ୍ଚାୟତସ୍ଥିତ ଈଶ୍ୱରପୁର ଗ୍ରାମରୁ ସୁସଜ୍ଜିତ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ବହୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ମଙ୍ଗଳପୁର ବଜାର ଦେଇ ଝୁମ୍ପୁରୀ ଓ ପରେ ଅହିୟାସ ବଜାର ଦେଇ ପାଟଣା ଗ୍ରାମକୁ ଯାଉଥିଲା। ବାଟରେ ଅହିୟାସ ମସଜିଦ ନିକଟରେ ଶୋଭାଯାତ୍ରାର ମାଇକ ବଜାଇବାକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଫଳରେ ଉଭୟ ସମ୍ପ୍ରଦାୟ କେତେଜଣ ଲୋକେ ଧସ୍ତାଧସ୍ତି ହୋଇଥିଲେ। ପୋଲିସ ତାହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିବାବେଳେ ମଙ୍ଗଳପୁର ଥାନା ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ଆହତ ହୋଇଥିଲେ। ପରେ ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯିବା ସହିତ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାଶ ଘଟଣାସ୍ଥଳରେ ଉପସ୍ଥିତ ରହି ଉଭୟ ସମ୍ପ୍ରଦାୟର ଜନସାଧାରଣଙ୍କ ସହିତ ଆଲୋଚନା କରି ଶାନ୍ତି ବଜାଏ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି।

## ବିରଜା ସ୍କୁଲ ଅଫ୍ ନର୍ସିଂରେ କର୍କଟ ରୋଗ ଉପରେ କର୍ମଶାଳା



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀମାନେ।

ଯାଜପୁର ଟାଉନ,୧।୪(ଡି.ଏନ.ଏ.):

ଯାଜପୁର ବିରଜା ସ୍କୁଲ ଅଫ୍ ନର୍ସିଂ ଓ କଟକର ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ଆନୁକୂଲ୍ୟରେ କର୍କଟ ରୋଗ ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡା କ୍ୟାନସର ହସ୍ପିଟାଲର ବିଶେଷଜ୍ଞ ଡା. ଦ୍ୟୁତିରଞ୍ଜନ ସ୍ୱାଇଁ ଯୋଗଦେଇ ବର୍ତ୍ତମାନ ୧୦ରୁ ୨୦ ବର୍ଷର ମହିଳା ବ୍ରେଷ୍ଟ କ୍ୟାନ୍‌ସରରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ସ୍ତନରେ ଗୋଡ଼ି କିମ୍ବା ଆବୁ ସୃଷ୍ଟି ହେଲେ ତୁରନ୍ତ ପରୀକ୍ଷା କରାଇନେବା ଆବଶ୍ୟକ। ଏହା ହେଲେ ବ୍ରେଷ୍ଟ କ୍ୟାନ୍‌ସରକୁ ରୋକାଯାଇପାରିବ। ବିଶେଷତଃ ଅଳ୍ପ ବୟସ୍କ ମହିଳା ବ୍ରେଷ୍ଟ କ୍ୟାନ୍‌ସରରେ ପୀଡ଼ିତ ହେଉଛନ୍ତି। ଏଥିପାଇଁ ବାହାରିଥିବା ଟିକା ସ୍ୱଳ୍ପଦାନ ହୋଇଥିବାରୁ ୧୦ ରୁ ୨୦ବର୍ଷର ଝିଅ କିମ୍ବା ସ୍ତ୍ରୀ ଲୋକମାନେ ଏହାର ଉପଯୋଗ କରିପାରିବେ ବୋଲି ସେ କହିଥିଲେ। ନର୍ସିଂ ସ୍କୁଲ୍ ସମ୍ପାଦକ ପରଶେ ମଲ୍ଲିକ ଓ ନିର୍ଦ୍ଦେଶକ ଶ୍ୟାମସୁନ୍ଦର କର, ଅଧକ୍ଷ ବିଶାଖା ମଞ୍ଜରୀ ପରିଡ଼ା ଯୋଗଦେଇ କ୍ୟାନସର ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇବାକୁ ହେଲେ ନିଜେ ସଚେତନ ହେବା ସହିତ ଛାତ୍ରୀଛାତ୍ର ସମାଜକୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିରେ ଛାତ୍ରୀଛାତ୍ର ବୃତ୍ତି ଦୃଷ୍ଟିରୁ ଆଗକୁ ଆଗେଇ ଆସିବାକୁ ମତପ୍ରକାଶ ପାଇଥିଲା। ଶେଷରେ ସଂଯୋଜକ ଭୌମ୍ୟରଞ୍ଜନ ସ୍ୱାଇଁ କ୍ୟାନ୍‌ସରର ସବୁଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

## ବିରଜା ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀଙ୍କ କୃତିତ୍ୱ


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଯାଜପୁର ଟାଉନ,୧।୪(ଡି.ଏନ.ଏ.):

ଜୁନିୟର ରେଡ୍‌କ୍ରସ୍ ରାଜ୍ୟସ୍ତରୀୟ ତାଲିମ କର୍ମଶାଳାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ ଓଡ଼ିଆ ପ୍ରବନ୍ଧରେ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫଳରେ ସେ ଜାତୀୟସ୍ତରକୁ ଉନ୍ନୀତ ହୋଇ ବାପା, ମା', ଗୁରୁଜନ, ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହିକ୍ରମରେ ଏକ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୃତିବାସ ବାରିକ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଛନ୍ତି। ବୈଠକରେ ବିଦ୍ୟାଳୟ ସଭାପତି ଦେବାଶିଷ ମହାନ୍ତି, ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ରେଡ୍‌କ୍ରସ କାଉନ୍‌ସିଲର୍ ଶୁଭଶ୍ରୀ ସେଠୀ ଓ ରେଡ୍‌କ୍ରସ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ଅଜୟ କୁମାର ଦାସଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଚଣ୍ଡିଖୋଲ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ବାର୍ ଆସୋସିଏଶନ କର୍ମକର୍ତ୍ତା ଶପଥଗ୍ରହଣ କରୁଛନ୍ତି।

ଚଣ୍ଡିଖୋଲ,୧।୪(ଡି.ଏନ.ଏ.):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଅନୁଷ୍ଠିତ ଉତ୍ସବରେ ସବ୍‌ଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଓ ଜେଏମ୍‌ଏଫ୍‌ସି ଲକ୍ଷ୍ମୀପ୍ରିୟା ସ୍ୱାଇଁ ଅତିଥିଭାବେ ଯୋଗଦେଇ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବେ ରେଣୁବାଳା ମହାନ୍ତି, ସମ୍ପାଦକ ପ୍ରକାଶ କୁମାର ଦାସ ଶପଥ ନେଇ ଥିବାବେଳେ ଉପସଭାପତି ଭାବେ ଶ୍ରୀକାନ୍ତ ବଳ, କୋଷାଧକ୍ଷ ଚିନ୍ମୟ କୁମାର ପ୍ରତାପ, ସାଂସ୍କୃତିକ ସହସମ୍ପାଦକ ବୀରେନ କୁମାର ବିଶ୍ୱାଳ ଓ ଲାଇବ୍ରେରି ସହସମ୍ପାଦକ ଭାବେ ଦୀନବନ୍ଧୁ ନାୟକ ଶପଥ ନେଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ଜନ ବେହେରା, ଶରତ କୁମାର ଷଡ଼ଙ୍ଗୀ ଓ ଉଦୟ ନାଥ ସାହୁଙ୍କୁ ବାର ଆସୋସିଏଶନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜ୍ଞାନେସ ମହାନ୍ତି, ହେମନ୍ତ କୁମାର ମହଲା, ସାରଦା ଯୋଗମାୟା ନାୟକ, ସୁଡ଼ଳ କି, ଶ୍ୟାମ ପ୍ରସାଦ ଦାସ ଓ ସୁରେଶ କୁମାର ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସଭାପତି ଦେବରାଜ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ଶରତ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଜିଲା ଓକିଲ ସଂଘର ଶପଥ ଗ୍ରହଣ



ଶପଥ ଗ୍ରହଣ ଉତ୍ସବରେ ଜିଲା ଓକିଲ ସଂଘର କର୍ମକର୍ତ୍ତା।

ଯାଜପୁର ଟାଉନ,୧।୪(ଡି.ଏନ.ଏ.):

ଯାଜପୁର ଜିଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଥିବା ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ନିର୍ବାଚନ ଅଧିକାରୀ ଅମିୟ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ନୂତନ ସଭାପତି ଅଶୋକ କୁମାର ଦାସ ସହେଯାଗ କରିଥିଲେ। ନବନିର୍ବାଚିତ ସଭାପତି ଆଲୋକ କୁମାର ପାଣି, ଉପସଭାପତି ପ୍ରତିମା କର, ସମ୍ପାଦକ ବିଜୟ କୁମାର ମହାନ୍ତି, ସହସମ୍ପାଦକ କୁଳମଣି ନାୟକ, କୋଷାଧକ୍ଷ ଫନିନ୍ଦ୍ର କୁମାର ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଭାବେ ତରୁଣ କୁମାର ନନ୍ଦ, ପ୍ରଣବ କୁମାର ନାୟକ ଓ ଚିନ୍ମୟୀ ଯେନାଙ୍କୁ ନିର୍ବାଚନ ଅଧିକାରୀ ଅମିୟ କୁମାର ମହାନ୍ତି ଶପଥ ପାଠ କରାଇଥିଲେ। ରାଜୀବ ମହାନ୍ତି, ଅଜୟ କୁମାର ଦାସ ବକ୍ତବ୍ୟ ପ୍ରଦାନ କରିଥିବାବେଳେ କୁଳମଣି ଜେନା ଧନ୍ୟବାଦ ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଓ ପୂର୍ବ ବର୍ଷ ପରିଚାଳନା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ


ଗୋକର୍ଣ୍ଣିକା ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଦିବସ ପାଳନ ଯୋଗଦେଇଥିବା ଅତିଥି।

ଧର୍ମଶାଳା,୧।୪(ଡି.ଏନ.ଏ.):

ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟରେ ଏହି ଦିବସ ପାଳନ କରାଯାଇଛି। ପୂର୍ବତନ ଏମ୍‌ପି ରୀତା ତରାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ କବି ହରିହର ପାତ୍ରଙ୍କୁ ଗୋକର୍ଣ୍ଣିକା ସମ୍ମାନରେ ସମ୍ମାନିତ କରିଥିଲେ। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନା ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, କବି ଡ. ଗୌତମ ଜେନା, ମହିଳା ଡିଗ୍ରୀ କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପ୍ରାଧାପକ ଡ. ରବୀନ୍ଦ୍ର ବିହାରୀ ଯୋଗ ଦେଇଥିଲେ। ସଂପାଦକ ମହେଶ୍ୱର ପାଢ଼ୀ ସୂଚନା ପ୍ରଦାନ କରିଥିବା ବେଳେ ସଂଗଠନ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ଜାରକା ସ୍ଥିତ ସିଭିକ୍ ସେଣ୍ଟରଠାରେ ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ଓ ଧର୍ମଶାଳା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଓଡ଼ିଶା ଦିବସ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ବିଜୟ କୁମାର ଶତପଥୀଙ୍କ ଅଧକ୍ଷତାରେ ଅତିଥି ଭାବେ ପ୍ରଫେସର ଡ. ସତ୍ୟପ୍ରିୟ ମହାଳିକ ଓ ରତ୍ନପର୍ଣ୍ଣା ମହାନ୍ତି ଯୋଗଦେଇ ଓଡ଼ିଶା ଦିବସ ସଂପର୍କରେ ଆଲୋକପାତ କରିଥିଲେ। ସଂସ୍କୃତି ପରିଷଦ ସଭାପତି ଡ. ଜଗନ୍ନାଥ ଜେନା ସୂଚନା ପ୍ରଦାନ କରିଥିବା ବେଳେ ଗୋପବନ୍ଧୁ ସେବା ସଂଘ ସଂପାଦକ ପ୍ରବୋଧ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାତା ସଂପାଦକ ଅକ୍ଷୟ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ସନ୍ତୋଷ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିଙ୍କୁ ମାଧୁରୀ ଶତପଥୀ, ମିନତୀ ସାହୁ, ଡ. ଇନ୍ଦୁପ୍ରଭା ସାମଲ ଓ ପ୍ରେମଲତା ମହାରଣା ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଧର୍ମଶାଳା ସଂସ୍କୃତି ପରିଷଦ ଦ୍ୱାରା ପ୍ରକାଶିତ 'ଲେଖନୀ' ପତ୍ରିକା, ପ୍ରାଧାପକ ସୁଶାନ୍ତ ପଣ୍ଡାଙ୍କ 'ଭାରତୀୟ ସନ୍ଥ ପରମ୍ପରା' ଉନ୍ମୋଚନ କରାଯାଇଥିଲା। ସେହିପରି କୁମାରୀ ପଞ୍ଚାୟତ ଜାଲସୁଖା ସବରପଲ୍ଲିଠାରେ ରାଜ୍ୟ ସର୍ବୋଦୟ ମଣ୍ଡଳ ଦ୍ୱାରା ପରିଚାଳିତ ବାପୁ ପାଠଶାଳାରେ ଓଡ଼ିଶା ଦିବସ ସଂଯୋଜକ ଦେବବ୍ରତ ରାଉତଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅମୀୟ ପରିଡା, ସୌଭାଗ୍ୟ ରାଉତ, ସୁରେଖା ମଳିକ, ସୁରେନ୍ଦ୍ର ମଳିକ, କାର୍ତ୍ତିକ ମଳିକ, ସୁବ୍ରତ ମଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବ ଉତ୍କଳ ନିର୍ମାତାଙ୍କୁ ସ୍ମରଣ କରିଥିଲେ।

## ଯୁଗଜ୍ୟୋତି ସାହିତ୍ୟ ସଂଗଠନ ପକ୍ଷରୁ ଓଡ଼ିଶା ଦିବସ

ରସୁଲପୁର,୧।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଞ୍ଚଳର ଯୁଗଜ୍ୟୋତି ସାହିତ୍ୟ ସଂଗଠନ ପକ୍ଷରୁ ଶନିବାର ଚଣ୍ଡିପୁର ୟୁପି ସ୍କୁଲ୍ ପରିସରରେ ସଭାପତି ବୈଦେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁଗଜ୍ୟୋତିର ପ୍ରତିଷ୍ଠାତା ବିଜୟ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରହଲ୍ଲାଦ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା କଳ୍ପତରୁ ପଣ୍ଡା, କୈଳାସ ମଲ୍ଲିକ, କାଳନ୍ଦୀ କଣ୍ଡ, ସୁଧାଂଶୁ ବିଶ୍ୱାଳ, କୁଳମଣି ନାୟକ, ନରୋତ୍ତମ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ଜ୍ୟୋତିଷ ପ୍ରବୀର ନାୟକ ଓ ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯୁଗଜ୍ୟୋତିର ସମ୍ପାଦକ ଅଭୟ ତ୍ରିପାଠୀ ଶର୍ମା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଯୁଗଜ୍ୟୋତିର ବହୁ ସଭ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିକ୍ଷକ ବିଜୟାନନ୍ଦ କର ଧନ୍ୟବାଦ ଦେଇଥିଲେ।

## ଜିଲା ପ୍ରତିଷ୍ଠା ଦିବସ ପାଳିତ

ଯାଜପୁର ଟାଉନ,୧।୪(ଡି.ଏନ.ଏ.):

ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ପୌରୋହିତ୍ୟରେ ଓଡ଼ିଶା ଦିବସ ଓ ଯାଜପୁର ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଯାଜପୁର ବିଧାନ ସଭା କଂଗ୍ରେସ ନେତା ସନ୍ତୋଷ ନନ୍ଦ ମୁଖ୍ୟ ଅତିଥିଭାବେ ଯାଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଆଜି ଦିନଟି ସମଗ୍ର ଓଡ଼ିଶା ଓ ଯାଜପୁରବାସୀଙ୍କ ପାଇଁ ଗର୍ବ ଓ ଗୌରବର ଦିନ ହୋଇଥିବାରୁ ସମସ୍ତ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛେ ଏବଂ ଅଭିନନ୍ଦନ ଜଣାଯାଇଥିଲା। ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ୧୯୩୬ ଏପ୍ରିଲ ୧ରେ ଘୋଷଣା ହୋଇଥିଲା। ଆଜି ଆମ ରାଜ୍ୟ ଉପରେ ପଡ଼ୋଶୀ ରାଜ୍ୟଗୁଡ଼ିକର ଭୌଗୋଳିକ ସୀମାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଓଡ଼ିଶାରୁ କୌଣସି ଅଞ୍ଚଳ ଯେପରି ପଡ଼ୋଶୀ ରାଜ୍ୟ ଅଧୀନକୁ ନ ଯାଏ, ଓଡ଼ିଶାରେ ବାସ କରୁଥିବା ଲୋକ ଆମ ମାତୃ ଭାଷାରୁ ବଞ୍ଚିତ ନ ହେବେ ଏବଂ ସମସ୍ତେ ଆମ ଓଡ଼ିଆ ଭାଷା ପଢିବେ ଓ ଜାଣିବା ଆମ ସମସ୍ତଙ୍କର ଶ୍ରେୟ ହେବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ଉପସ୍ଥିତ କଂଗ୍ରେସର ନେତୃ ମଣ୍ଡଳୀମାନେ ବୀର ପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ଦୁର୍ଯ୍ୟୋଧନ ବେହେରା, ବିଦ୍ୟାଧର ବାରିକ, ନକୁଳ ଦେବ ସାହୁ, ରଘୁନାଥ ସାହୁ, ବିଜୟ ମହାପାତ୍ର, ଅକ୍ଷୟ ଶତପଥୀ, ବିଭୂତି ମହାପାତ୍ର, ଗଦାଧର ଦାସ, ମାନସ ପଣ୍ଡା, ଅରଜିତ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଯେନା ପ୍ରମୁଖ ଯୋଗଦେଇଥିଲେ।


ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ କର୍ମୀମାନେ ଜିଲା ପ୍ରତିଷ୍ଠା ଦିବସ ପାଳନ କରୁଛନ୍ତି।

**ନାବାଳିକାଙ୍କୁ ଅପହରଣ ଘଟଣାରେ ଅଭିଯୁକ୍ତ ଗିରଫ**

ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.): ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳରୁ ଜଣଙ୍କୁ ଗିରଫ କରିଛି । ସେ ହେଲେ ସୁମିତ ମଲ୍ଲିକ । ଅପହୃତ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି । ଗତ ମାସ ୬ ତାରିଖରେ ନିମପୁର ଗ୍ରାମର ଜଣେ ବ୍ୟକ୍ତି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ । ସେ ଦର୍ଶାଇଥିଲେ ତାଙ୍କ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅକୁ ଅପହରଣ କରାଯାଇଛି । ଅଭିଯୁକ୍ତ ୧ ଲକ୍ଷ ଟଙ୍କା ଦାବି କରୁଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୨୧୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

## ସଂକ୍ଷେପରେ

### ପୂଜ୍ୟପୂଜା ଦ୍ୱାରା ଆଗକୁ ବଢ଼ିବାର ପ୍ରେରଣା ମିଳେ

**କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ, ୧୪ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବସୁପୁରରେ ଧନୁର୍ଜ୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ୧୮ତମ ସ୍ୱନକ୍ଷତ୍ର ଦିବସ ଓ ପୂଜ୍ୟପୂଜା ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ଅଧ୍ୟକ୍ଷ ଇଂ. ଭଗବାନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମାରେହରେ କେଶବ ଚନ୍ଦ୍ର ବିଶ୍ୱାଳ, ନୃସିଂହ ଚରଣ ବିଶ୍ୱାଳ, ଅଶୋକ କୁମାର ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ସମସ୍ତଙ୍କ ନିକଟରେ କୌଣସି ଏକ ପ୍ରତିଭା ଅଛି । ଏହାକୁ ବିକଶିତ ପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ହେବା ଆବଶ୍ୟକ । ଏହାଦ୍ୱାରା ପ୍ରତିଭା ସମାଜର ମଙ୍ଗଳ କାମରେ ଆସିଥାନ୍ତି । ପୂଜ୍ୟପୂଜା ଦ୍ୱାରା ପ୍ରତିଭାଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ମିଳେ । ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତିତ୍ୱ ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍‌ରେ ଚର୍ଚ୍ଚାରେ ଥିବା କମଳା ମହାରଣା, ଶିକ୍ଷାବିତ୍ ରାମଚନ୍ଦ୍ର ସ୍ୱାଇଁ, ବିଷ୍ଣୁଚରଣ ସାମଲ, ମାନବାଧିକାର କର୍ମୀ ସାଗର ଜେନା, ଗୀତିକାର କୈଳାସ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ନିତ୍ୟାନନ୍ଦ ଧଳ, ତୁଳସୀ ଦେବୀ ପ୍ରମୁଖଙ୍କ ସମ୍ବର୍ଦ୍ଧିତ କରା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଡ. ହିମାଂଶୁ କୁମାର ପରିଡ଼ା ଓ ଟ୍ରଷ୍ଟ କର୍ମକର୍ତ୍ତା ପରିଚାଳନା କରିଥିଲେ ।

### ଡେରାବିଶର ବାସନ୍ତିକ ଦୁର୍ଗାପୂଜା ସରିଲା

#### ରାବଣ ପୋଡ଼ି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

**ଡେରାବିଶ,୧। ୪ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଞ୍ଚଳର ପରମଆରାଧ ତଥା କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଭାବେ ପରିଚିତ ଚାଟରାସ୍ଥିତ ମା' ବାସନ୍ତୀଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା ଶୁକ୍ରବାର ବିଳମ୍ବିତ ରାତିରେ ଶେଷ ହୋଇଛି । ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ବାସନ୍ତିକ ଦୁର୍ଗାପୂଜାରେ ଚଳିତ ବର୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା । ଶୁକ୍ରବାର ଦଶମୀ ତିଥିରେ ମା' ଙ୍କ ପୀଠରେ ଅନୁଷ୍ଠିତ ରାବଣ ପୋଡ଼ିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ପଣ୍ଡିତ ଭାବଗ୍ରାହୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମା'ଙ୍କ ପୂଜା ଓ ଏହି ଅବସରରେ ଅନୁଷ୍ଠିତ ଯଜ୍ଞାନୁଷ୍ଠାନରେ ପଣ୍ଡିତ ସୁଶିଲ କୁମାର ମିଶ୍ର, ଶ୍ରୀଧର ଆଚାର୍ଯ୍ୟ, ଚକ୍ରଧର ମିଶ୍ର ଓ ରଜନୀକାନ୍ତ ଦାଶଙ୍କ ସମେତ ୧୭ ଜଣ ପଣ୍ଡିତ ପୂଜା କାର୍ଯ୍ୟରେ ନିୟୋଜିତ ଥିଲେ । ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ସହସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଓ କୋଷାଧକ୍ଷ ଅରଜିତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

### ରାଜସ୍ୱ ଆଦାୟରେ ରାଜନଗର ତହସିଲର ରେକର୍ଡ

**ରାଜନଗର,୧୪(ଡି.ଏନ.ଏ.):** ଚଳିତ ବର୍ଷ ରାଜସ୍ୱ ଆଦାୟରେ କେନ୍ଦ୍ରାପଡ଼ାରେ ରାଜନଗର ତହସିଲ ସର୍ବକାଳୀନ ରେକର୍ଡ ସୃଷ୍ଟି କରିବା ସହିତ ସମଗ୍ର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଚଳିତ ବର୍ଷ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ୧ କୋଟି ୮୦ ଲକ୍ଷ ୭୫ ହଜାର ଟଙ୍କା ରାଜସ୍ୱ ଆଦାୟ କରିବାର ଟାର୍ଗେଟ ଥିବାବେଳେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ୪ କୋଟି ୯୦ ଲକ୍ଷ ୩୯ହଜାର ଟଙ୍କା ଆଦାୟ କରିଛନ୍ତି। ଯାହାକି ୨୭୧.୩୦ ପ୍ରତିଶତ ଅର୍ଥ ଆଦାୟ କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିବାରେ ରାଜନଗର ତହସିଲ ଏହି ସଫଳତା ହାସଲ କରିଛି। ଚଳିତବର୍ଷ ଆଳି ୧୨୫ ପ୍ରତିଶତ, ମହାକାଳପଡା ୧୩୪.୬୪ ପ୍ରତିଶତ, କନିକା ୮୭ ପ୍ରତିଶତ, ଡେରାବିଶ ୭୫ ପ୍ରତିଶତ, ଗରଦପୁର ୭୩.୫୮ ପ୍ରତିଶତ, କେନ୍ଦ୍ରାପଡ଼ା ୭୯ ପ୍ରତିଶତ, ମାର୍ଶାଘାଇ ୪୫.୩ ପ୍ରତିଶତ ଓ ପଟ୍ଟାମୁଣ୍ଡାଇ ୯୦ ପ୍ରତିଶତ ରାଜସ୍ୱ ଆଦାୟ କରିଛନ୍ତି। ରାଜନଗର ତହସିଲର ଏହି ରେକର୍ଡ ସଂଖ୍ୟକ ରାଜସ୍ୱ ଆଦାୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଜିଲାପାଳ ଅମ୍ରିତ ରତୁରାଜ ଖୁସିବ୍ୟକ୍ତ କରିଛନ୍ତି।

# ସାଇବର ଅପରାଧ ପୋଲିସ ପାଇଁ ବଡ଼ ଆହ୍ୱାନ

**କେନ୍ଦ୍ରାପଡ଼ା ଅଫିସ, ୧୪**



ପୋଲିସ ପ୍ରତିଷ୍ଠା ଦିବସ ଉତ୍ସବରେ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

ସାମ୍ବିଧାନିକ ବ୍ୟବସ୍ଥାରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ନିଷ୍ଠା, ଧୈର୍ଯ୍ୟ, ଶୌର୍ଯ୍ୟ ଓ ସମାନୁବର୍ତ୍ତିତା ଆବଶ୍ୟକ । ଦେଶର ବନ୍ୟା, ବାତ୍ୟା, ଆଇନ ଶୃଙ୍ଖଳାରେ ଓଡ଼ିଶା ପୋଲିସ ଦୀର୍ଘ ୮୮ ବର୍ଷ ହେବ ନିଜର କର୍ତ୍ତବ୍ୟ ପରାୟଣତା ଦେଖାଇଛି । ଏଥିପାଇଁ ପୋଲିସ ବାହିନୀ ଗର୍ବିତ ବୋଲି ଜଜାଙ୍ଗସ୍ଥିତ କେନ୍ଦ୍ରାପଡ଼ା ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଏସ୍‌ପି ମଡକର ସମ୍ପିତ ସମ୍ମତ ପ୍ରକାଶ କରିଛନ୍ତି । ଶନିବାର ସକାଳେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସେ କହିଛନ୍ତିଯେ, ୧୯୩୬ରେ ଏହି ପୋଲିସ ବାହିନୀ ଗଠନ କରାଯାଇଥିଲା । ଓଡ଼ିଶାର ବରପୁତ୍ରଙ୍କ ପରାମର୍ଶ କ୍ରମେ ଗଠିତ ଏହି ବାହିନୀ ସ୍ୱାଧୀନତା ସଂଗ୍ରାମ, ବନ୍ୟା, ବାତ୍ୟାପରି ପ୍ରାକୃତିକ ବିପର୍ଯ୍ୟୟ, ଆଇନ ଶୃଙ୍ଖଳା ପରିସ୍ଥିତିରେ ନିଜର ଭୂମିକା ସଠିକ ଢ଼ଙ୍ଗରେ ପରିଚାଳନା କରିଆସିଛି । ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତିରେ ଆତ୍ମବଳି ଦେବାକୁ ପଛଘୁଞ୍ଚା ଦେଇନାହିଁ । ଯାହାଫଳରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦୂରତା କମିଛି । ସାମ୍ପ୍ରତିକ ସମୟରେ ଅର୍ଥନୈତିକ ଓ ସାଇବର ଅପରାଧକୁ ରୋକିବା ପୋଲିସ ପାଇଁ ନୂତନ ଆହ୍ୱାନ ସୃଷ୍ଟି ହୋଇଛି । ପୋଲିସ କର୍ତ୍ତବ୍ୟ ୧୩ଟି ନିୟମ ପାଳନକୁ ଗୁରୁତ୍ୱ ଦେବାକୁ ମୁଖ୍ୟଅତିଥି ଏସ୍‌ପି ସମ୍ପିତ ସମ୍ମତ ପରାମର୍ଶ ଦେଇଥିଲେ । ଏହି ଅବସରରେ କେନ୍ଦ୍ରାପଡା ଜିଲା ପୋଲିସ ବିଭାଗ ୨୦୨୨ର ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଷ୍ଠା ଉତ୍ସବରେ ଜିଲା ପୋଲିସ ଓ ଜିଲା ପ୍ରଶାସକଙ୍କ ସମେତ ଡିଏସ୍‌ପି ଓ ବିଭିନ୍ନ ଥାନାଧିକାରୀ ଯୋଗ ଦେଇଥିଲେ ।

# ଗହୀରମଥାରୁ ଟ୍ରଲର, ଗିଲନେଟର ଜବତ: ୨୪ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୧୪(ଡି.ଏନ.ଏ.)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଓ ଗିଲନେଟର ଜବତ କରିଛି । ସେହି ଟ୍ରଲରରେ ଥିବା ୨୪ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଛି । ରେଞ୍ଜ ଅଫିସର ବିଚିତ୍ରାନନ୍ଦ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର ନବୀନ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ମାଝି, ଫରେଷ୍ଟଗାର୍ଡ ଦୋଳଗୋବିନ୍ଦ ନାୟକ, କଳ୍ପତରୁ ସେଠୀ, ସୁତୁଗାନ ଟପ୍ପୋ ପ୍ରମୁଖ ବନକର୍ମଚାରୀମାନେ ବିରଳ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ ମାଛ ମାରୁଥିବା ଶୁଭଶଙ୍କର ନାମକ ଟ୍ରଲର ଓ ଗୋଟିଏ ଗିଲନେଟର ଜବତ କରିଛନ୍ତି। ସେଥିରେ ଥିବା ୨୪ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ୨ ଭିଏଚ୍‌ଏଫ୍, ୨ ଜିପିଏସ୍, ଫିସ୍ ଫାଇଣ୍ଡର, ୨ଶହ ଟ୍ରଲିଂ ନେଟ ସହିତ ୩୬ କୁଣ୍ଟାଟାଲ ସାମୁଦ୍ରିକ ମାଛ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜିବୀମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନର ଧାରା ୨୭, ୨୯, ୩୧ ଓ ୫୧ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

# ରାଜନଗରରେ ଓଡ଼ିଶା ଦିବସ ପାଳିତ

**ରାଜନଗର,୧୪(ଡି.ଏନ.ଏ.)**

ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପବିତ୍ର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁବାସ ଚନ୍ଦ୍ର ସାମଲ, ନିରାକାର ସେଠୀ, ଅଭିଲିପ୍ସା ଦାସ, ପ୍ରଳୟ କୁମାର ମଲ୍ଲିକ, ସତ୍ୟ ନାରାୟଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ, ଉର୍ମିଳା ପରିଡ଼ା, ରାଜେଶ କୁମାର ପ୍ରଧାନ, ପଦ୍ମଲୋଚନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ବିକ୍ରମାଦିତ୍ୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ମୌସୁମୀ ମିଶ୍ର, ପ୍ରଧାନ ପଣ୍ଡିତ ସଚ୍ଚିନ୍ଦ୍ର ପରିଡା, ରବିନାରାୟଣ ଦାଶ ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉତ୍କଳ ମାଟିର ବୀର ସନ୍ତାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।


ରାଜନଗରରେ ଅନୁଷ୍ଠିତ ଓଡ଼ିଶା ଦିବସ ଉତ୍ସବରେ ଯୋଗଦେଇଥିବା ଅତିଥି।

# ସ୍ୱପ୍ନର ଓଡ଼ିଶା ପାଇଁ ଯୁବସୁଲଭ ଆତ୍ମଚିନ୍ତନ ଆବଶ୍ୟକ



ଜିଲାସ୍ତରୀୟ ଉତ୍ସବରେ ମଞ୍ଚାସୀନ ଅତିଥି।

**କେନ୍ଦ୍ରାପଡ଼ା ଅଫିସ, ୧୪**

### ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଟାଉନହଲ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ୮୮ତମ ଓଡ଼ିଶା ଦିବସ ଓ ୩୦ତମ କେନ୍ଦ୍ରାପଡା ଜିଲା ପ୍ରତିଷ୍ଠା ପୂର୍ତ୍ତି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମୃତ ରତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ପୌରାଧ୍ୟକ୍ଷା ସରିତା ସାହୁ, ଏଡିଏମ୍ ପିତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଓଡିଶା ସ୍ୱତନ୍ତ୍ରତା ଲାଭ ପରେ ଭାଷା ଶାସନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି ବୋଲି ମତବ୍ୟକ୍ତ କରିଥିଲେ । ସେମାନେ କହିଥିଲେ, ଉତ୍କଳର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋବନ୍ଧୁ ଦାସ, ଗଜପତି କୃଷ୍ଣଚନ୍ଦ୍ରଦେବ ଆଦିଙ୍କ ସ୍ୱପ୍ନର ଓଡିଶା ପାଇଁ ଆଜିର ଦିନରେ ଆତ୍ମଚିନ୍ତନର ଆବଶ୍ୟକତା ଅଛି । ପ୍ରାକୃତିକ ସମ୍ପଦରେ କେନ୍ଦ୍ରାପଡ଼ା ସମେତ ଓଡିଶା ରାଜ୍ୟରେ ଭରପୁର ଅଛି । ଏହାର ଉପଯୋଗ କଲେ ରାଜ୍ୟ ଓ ଜିଲାର ଉନ୍ନତି ଆସିବ । ଉତ୍କଳୀୟ ସଂସ୍କୃତି, ଭାଷା, ଐତିହ୍ୟ ଅତି ପୁରାତନ । ଏହାର ସୁରକ୍ଷା ଓ ଅଭିବୃଦ୍ଧିକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିବା ଆବଶ୍ୟକ । ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି । ଓଡିଆ ଭାବେ ନିଜକୁ ଗଢ଼ିଲେ ପୂର୍ବସୂରୀଙ୍କ ସ୍ୱପ୍ନ ସାର୍ଥକ ହେବ । କେନ୍ଦ୍ରାପଡ଼ା ଜିଲାକୁ ଇତିମଧ୍ୟରେ ୩୦ ବର୍ଷ ପୁରୁଛି । ଜିଲାର ବିକାଶ ପାଇଁ ୩୦ ବର୍ଷ ଯୁବସୁଲଭ ଉଦ୍ୟମ ଦ୍ୱାରା ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ସେମାନେ ମତ ଦେଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମେତ ସ୍ୱାଧିନତା ସଂଗ୍ରାମୀ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟୁଷରେ ରାମଧୁନ, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି, ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କୁ ମାଲ୍ୟାର୍ପଣ କରାଯାଇଥିଲା । ଜିଲା ଭାଜପା ଓ ଜିଲା କଂଗ୍ରେସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଓଡିଶା ଦିବସ ପାଳନ ହୋଇଥିଲା ।

### ଉପଯୁକ୍ତ ପ୍ରୋତ୍ସାହନ କ୍ଷମତାକୁ ପରିବର୍ଦ୍ଧିତ କରେ

**କେନ୍ଦ୍ରାପଡ଼ା ଅଫିସ, ୧୪**

କେନ୍ଦ୍ରାପଡ଼ା ପୌରସଂସ୍ଥା ପରିଚାଳିତ ନିମାଇଁ ଚରଣ ମାନସିକ ନ୍ୟୂନତା ସଂସ୍ଥାନର ୩୩ତମ ଜନ୍ମ ବାର୍ଷିକୋତ୍ସବ କଜଳାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ କ୍ଷମତା ପରିବର୍ଦ୍ଧିତ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ପୌରାଧ୍ୟକ୍ଷା ସରିତା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ପ୍ରତିଷ୍ଠାତା ସଭାପତି ରଞ୍ଜନ କୁମାର ମହାନ୍ତି, ସମ୍ପାଦକ ସୁଧାଂଶୁ କୁମାର ଦାସ, ସହ ସମ୍ପାଦକ ଚିତ୍ତରଞ୍ଜନ ଦାସ, ଅଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ଅକ୍ଷମତା ଏକ ମାନସିକତା । ଏଥିରୁ ମୁକୁଳିବା ପାଇଁ ଉପଯୁକ୍ତ ପରିବେଶ ବା ଭିତ୍ତିଭୂମୀ ଜରୁରୀ ହୋଇପଡିଛି । ଅବିଭାବକମାନେ ଶିଶୁଙ୍କ ଉପଯୁକ୍ତ ଯତ୍ନ ନେଲେ ଅକ୍ଷମରୁ ମୁକୁଳି ଭିନ୍ନକ୍ଷମ ଭାବେ ନିଜକୁ ପ୍ରତିପାଦିତ କରୁଛନ୍ତି । ଏଥିପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏବେ ସେମାନଙ୍କ ଯତ୍ନ ନେଉଛନ୍ତି । ଏଥିସହିତ ରାଜ୍ୟ ଓ କେନ୍ଦ୍ର ସରକାର ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ପ୍ରୋତ୍ସାହିତ କରୁଛନ୍ତି। ଏହାର ସୁଯୋଗ ସମସ୍ତେ ନେବା ଆବଶ୍ୟକ । ଉତ୍ସବରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ର ସଙ୍ଗୀତ ଗାନ କରିଥିଲେ । ମାନସିକ ଅନଗ୍ରସର ଓ ଶ୍ରୁତିବାଧିତ ଛାତ୍ରୀଛାତ୍ର ନୃତ୍ୟରେ ଭାଗ ନେଇଥିଲେ । ଅନୁଷ୍ଠାନର ସମ୍ପାଦକ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ବାର୍ଷିକ ବିବରଣୀ ଉପସ୍ଥାପିତ କରିଥିଲେ । ଏହି ଅବସରରେ ଅତିଥିମାନେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୋଗ ଗୁରୁ ସଞ୍ଜୟ ମଥାନ, କବିତା ମୁଦୁଲି, ସୁନିଲ ସାଗର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ଆଳି,୧୪(ଡି.ଏନ୍.ଏ.)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସାହିତ୍ୟିକ ବନମାଳୀ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ମୁଖ୍ୟବକ୍ତା ଭାବେ ଆଳି ବ୍ଲକ ହାଇସ୍କୁଲ ସମୂହର ନୋଡ଼ାଲ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇ ଉକ୍ତ ବିଦ୍ୟାଳୟ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ପାଦକ ସୁଶାନ୍ତ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଜାନକୀ କୁମାରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବ ଆରମ୍ଭରେ ଶିକ୍ଷୟିତ୍ରୀ ତୃପ୍ତିଲତା ସ୍ୱାଇଁ ଓ ଶିଶୁମାନେ ବନ୍ଦନା, ପ୍ରାର୍ଥନା ଗାନ କରିଥିଲେ। ଶୁଭଶ୍ରୀ ସାହୁଙ୍କ ଅମୃତ ବଚନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସହସମ୍ପାଦକ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମେଘନା ଦାସ ଓ ଶୁଭଶ୍ରୀ ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମହିଳା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ପାଇଁ ତାଲିମ ପ୍ରଦାନ

**ମାର୍ଶାଘାଇ,୧୪(ଡି.ଏନ୍.ଏ.)**

ଶନିବାର ମାର୍ଶାଘାଇ ବ୍ଲକ ସଭାଗୃହରେ ମହିଳା ଗୋଷ୍ଠିଙ୍କୁ ମତ୍ସ୍ୟଚାଷ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ବବିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଡିଓ ଉମାଶଙ୍କର ବେହେରା ଓ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ ଯୋଗ ଦେଇ ବୈଜ୍ଞାନିକ ପଦ୍ଧତିରେ ମହିଳାମାନେ ମାଛ ଚାଷ କରିଲେ ସେମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଉନ୍ନତ ଜାଆଁଳ, ଖାଦ୍ୟ ସାର ପରିଚାଳନା, ରୋଗ ନିୟନ୍ତ୍ରଣ ଓ ପଞ୍ଚାୟତ ପୋଖରୀ ପରିଚାଳନା ଉପରେ ଉପସ୍ଥିତ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୧ ମହିଳା ଗୋଷ୍ଠୀର ୬୨ଜଣ ସଭ୍ୟ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧରେ ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରିଣୀ ସୁଶ୍ରୀ ସଙ୍ଗୀତା ଦେ, ମତ୍ସ୍ୟ ବୈଷୟିକ କର୍ମଚାରୀ ଜ୍ୟୋତିର୍ମୟୀ ମହାନ୍ତି, ବ୍ଲକ ଜୀବିକା ମିଶନର ବିପିଏମ୍ ସଂଜ୍ଞା ସାଗରିକା ପଣ୍ଡା, ମିଶନ ଶକ୍ତିର ବିକାଶ ମହାନ୍ତି ଓ ସାଗର ମିତ୍ର ଝାନ୍‌ସୀ ରାଣୀ ସାହୁ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ କନିକା ରାଜାଙ୍କ ଅବଦାନ ରହିଛି



ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ରାଜକନିକା,୧୪(ଡି.ଏନ୍.ଏ)**

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତତ୍କାଳୀନ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଭୂମିକା ଅତୁଳନୀୟ ଥିଲା । ଉତ୍କଳ ସମ୍ମିଳନୀରେ ମୁଖ୍ୟ ଭାବେ ତାଙ୍କ ସହଯୋଗ ଅବର୍ଣ୍ଣନୀୟ। କନିକା ରାଜ ପ୍ରାସାଦ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁକସାକ୍ଷୀ । ଇଂରେଜଙ୍କ ସହ ସମ୍ପର୍କ ସ୍ଥାପନ କରି ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ତତ୍କାଳୀନ ରାଜାସାହେବଙ୍କ ପ୍ରୟାସ ଜାରି ରଖି ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ୱପ୍ନର ଓଡ଼ିଶା ଗଠନରେ ରାଜା ସାହେବଙ୍କ ଅନେକ ପ୍ରଚେଷ୍ଟା ବୋଲି ଶନିବାର ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ସୁଧା ସାହିତ୍ୟ ପତ୍ରିକାର ସମ୍ପାଦକ ହରେକୃଷ୍ଣ ବାରିକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟାପକ ସୁରେଖା ରାଉତ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ଗବେଷକ ତଥା ଐତିହାସିକ ଲେଖକ ପ୍ରାଧ୍ୟାପକ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ସମ୍ମାନିତ ଅତିଥି ଭାବେ ମଗୁଳି ଚରଣ ବେହେରା, ଶିକ୍ଷକ ପ୍ରସନ୍ନ କୁମାର ଧଳ, ମହାବିଦ୍ୟାଳୟର ମୁଖ୍ୟ ଲିପିକ ଲକ୍ଷ୍ମଣ କୁମାର ସାହୁ ପ୍ରମୁଖ ଯୋଗ ଦେଇ ରାଜାସାହେବଙ୍କ ସ୍ମୃତିରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଲେଖକ ଶୁଭ୍ରାଂଶୁ ସୂତାର ଭାଷଣରେ କନିକାର ସ୍ୱାଭିମାନ ରକ୍ଷା କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିବା ବେଳେ, ମହାବିଦ୍ୟାଳୟର ଛାତ୍ରୀ ସ୍ନେହଲତା ଦାସ ଏବଂ କ୍ଷୀରାବ୍ଧୀ ତନୟା ପଣ୍ଡା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଜୟନ୍ତ ମଥାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ନନ୍ଦ ଉତ୍ସବ'ର ପୁନରୁଦ୍ଧାର ଉପରେ ଗୁରୁତ୍ୱ

**ରାଜକନିକା,୧୪(ଡି.ଏନ୍.ଏ.)**



ଚିନ୍ତନ ବୈଠକରେ ଯୋଗଦେଇଥିବା ଅତିଥି।

କେନ୍ଦ୍ରାପଡ଼ା ଜିଲାର ଐତିହ ସମ୍ପନ୍ନ ରାଜକନିକାର ଗାରିମାମୟ ଅଧ୍ୟାୟକୁ ଉଜ୍ଜିବିତ କରିବା ଲକ୍ଷ୍ୟ ନେଇ କନିକା ପୂଜ୍ୟପୂଜା ପରିଷଦ ପ୍ରୟାସ ଆରମ୍ଭ କରିଛି। ଏହି ପ୍ରରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନରେ କଣ୍ଟପଡ଼ାସ୍ଥିତ କେଶବାନନ୍ଦ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପରିଷଦର ସମ୍ପାଦକ କପିଳ ଚରଣ ମିଶ୍ରଙ୍କ ସଂଯୋଜନା ତଥା ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବରିଷ୍ଠ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ, ଇଂ. ବିପିନ୍ ବିହାରୀ ରାଉତ, ରବିନାରାୟଣ ମିଶ୍ର, ସୁରେଶ ମିଶ୍ର, ପ୍ରାଧ୍ୟାପକ ଫକୀର ଚରଣ ପ୍ରଧାନ, ଦେବେନ୍ଦ୍ର ନାୟକ, କାଳିପ୍ରସାଦ ନାୟକ, ବେଣୁଧର ପରିଡ଼ା, ଖବରଦାତା ସୁକାନ୍ତ ଦାଶ, ଗୁଣନିଧି ବଳ, ଖବରଦାତା ଅଜୟ ରାଉତ, ତ୍ରିଲୋଚନ ପାଣି, ଗୋବିନ୍ଦ ଚନ୍ଦ୍ର ନାୟକ, ସୌମ୍ୟକାନ୍ତ ନାୟକ, ଖବରଦାତା ସଞ୍ଜୟ କୁମାର ଦାଶ, ସୌଭାଗ୍ୟ ନାୟକ, ରମାକାନ୍ତ ପରିଡ଼ା, ଭରତ ଚନ୍ଦ୍ର ଦାସ, ପ୍ରମୋଦ ମହାନ୍ତି, ବାସୁଦେବ ସାମଲ, ଶରତ ରାଉତ, ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ ଏବଂ ନୃତ୍ୟର ଭରପୁର ସମ୍ଭାର 'ନନ୍ଦ ଉତ୍ସବ' ଗୀତିନାଟ୍ୟରେ ରୂପାନ୍ତର କରିଥିବା ଓଡ଼ିଶାର ଦ୍ୱିତୀୟ ସାଲବେଗ ତଥା ଭକ୍ତ କବି ଉଜିର ବେଗ୍‌ଙ୍କୁ ସମ୍ମାନ ଜଣାଇ ଏହି ପରମ୍ପରା କିପରି ଉଜ୍ଜିବୀତ ହୋଇପାରିବ ସେ ନେଇ ସମସ୍ତେ ନିଜର ମତବ୍ୟକ୍ତ କରିଥିଲେ ।

ପରିଷଦର ଅନ୍ୟତମ ସଦସ୍ୟ ଭାଗିରଥି ସାମଲ ପୁରାତନ ପାଣ୍ଡୁଲିପିଗୁଡ଼ିକୁ କିପରି ଉଦ୍ଧାର କରି ତା'ର ପୁନରୁଦ୍ଧାର କରି ନୂଆରୂପ ଦେଇ ବହି ପ୍ରସ୍ତୁତ କରିଛନ୍ତି ସେ ବିଷୟରେ ଆଲୋକପାତ କରିଥିଲେ । ଉଜିର ବେଗ୍‌ଙ୍କ ଦାୟାଦ ସ୍ୱରୂପ ଅଧାପକ ମିର୍ଜ୍ଜା ଇବ୍ରାହିମ୍ ବେଗ୍ 'ନନ୍ଦ ଉତ୍ସବ' କିପରି ଆମ ଅଞ୍ଚଳ ତଥା ସାରା ରାଜ୍ୟରେ ଖ୍ୟାତି ଅର୍ଜନ କରିପାରିବ ସେଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ବର୍ଷ ବସନ୍ତ ପଞ୍ଚମୀ ତିଥିରେ ଏହି ଗୀତିନାଟ୍ୟ ମଞ୍ଚସ୍ଥ ହେବାକୁ ବୈଠକରେ ସ୍ଥିର ହୋଇଥିଲା । ଆସନ୍ତା ସପ୍ତାହରେ ବଡ଼ାଗର, ଆରସା, କଣ୍ଟାପଡ଼ା ବଜାର କମିଟି, ସ୍ଥାନୀୟ ବୁଦ୍ଧିଜୀବୀ, କଳାପ୍ରେମୀ ଓ ଖବରଦାତାମାନଙ୍କୁ ନେଇ ବିଭିନ୍ନ କମିଟି କରାଯାଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପୂଜ୍ୟପୂଜାର ସମ୍ପାଦକ ତଥା ଆଜିର ବୈଠକର ଆବାହକ ମିଶ୍ର ସୂଚନା ଦେଇଥିଲେ । ଏହି ପରମ୍ପରାକୁ ରାଜକନିକାର ବଡ଼ାଗର ଓ ଆରସା ଗ୍ରାମର କଳାକାର ବନ୍ଧୁମାନେ ଉଜ୍ଜିବୀତ କରି ରଖିଥିବାରୁ ସର୍ବସମ୍ମତି କ୍ରମେ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ବୈଠକରେ ଦୁଇ ଗ୍ରାମର ବାସିନ୍ଦା ତଥା କଳାକାରମାନେ ଉପସ୍ଥିତ ଥିଲେ । କନିକା କଂସ ଭାବେ ପରିଚିତ ଗୌରହରି ସାମଲ ନିଜର କଳାକୃତି ସମ୍ବନ୍ଧରେ ସାମକ୍ୟ ଆଲୋଚନା କରିଥିଲେ । ଧୀରେନ୍ଦ୍ର କୁମାର ରାଉତ 'ନନ୍ଦ ଉତ୍ସବ'ର ଏକ ୱେବ ସାଇଟ୍ ଖୋଲି ରଚିତ ଗୀତ ଗୁଡ଼ିକୁ ଅପ୍‌ଲୋଡ଼ କରିଥିବା କଥା କହିଥିଲେ ।

## ସଂକ୍ଷେପରେ

### ଦାରିଙ୍ଗବାଡି ବିଦ୍ୟାଳୟରେ ଓଡ଼ିଶା ଦିବସ

ଦାରିଙ୍ଗବାଡି,୧।୪(ଡି.ଏନ.ଏ): ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ରମାକାନ୍ତ ଦେଶୀନାୟକ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସିମନବାଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ ସଭା ପରିଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ଖବରଦାତା ଅରୁଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବ୍ରତ ମଳିକ, ଶାନ୍ତନୁ କୁମାର ସାହୁ, ଢେଲ କଂହର ପ୍ରଧାନ ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜାଗୃତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ବରିଷ୍ଠ ଓକିଲ ଉମେଶ କର ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରାଥମିକ ଶିକ୍ଷକଙ୍କୁ ଠିକ ସମୟରେ ପଦୋନ୍ନତି ଦାବି

ବ୍ରହ୍ମପୁର ଅଫିସ,୧।୪-ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨୦ ତାରିଖ ସୁଦ୍ଧା ଜିଲା ପ୍ରୋଭିଜିନାଲ ଗ୍ରେଡେସନ ଲିଷ୍ଟ ପ୍ରକାଶ ପାଇବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଗଞ୍ଜାମ ଜିଲାରେ ଏଯାବତ ଏ ଦିଗରେ କୌଣସି କାର୍ଯ୍ୟ କରାଯାଇ ନ ଥିବା ଶିକ୍ଷକଙ୍କ ମହଲରୁ ଅଭିଯୋଗ ହୋଇଛି। କୁହାଯାଇଛି ଯେ, ୨୦୨୦ ପରଠାରୁ ଜିଲା କାର୍ଯ୍ୟାଳୟରେ କୌଣସି ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିର ଠିକ ତାଲିକା ନ ଥିବାରୁ ଜିଲାର କିଛି ଅଗ୍ରଣୀ ଶିକ୍ଷକ ସଂଗଠନ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ। ଏହାପରେ ଜିଲା ଶିକ୍ଷାଧିକାରୀ ୨୦୨୨ ଡିସେମ୍ବରରେ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ଯାଏଁ ଗୋଷ୍ଠୀ ଶିକ୍ଷାଧିକାରୀ ନିର୍ଦ୍ଦେଶକକୁ ଅବମାନନା କରୁଥିବା ପ୍ରାଥମିକ ଶିକ୍ଷକ ସଂଘ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓ ବିଇଡି ସଂଘ ଅଭିଯୋଗ କରିଛନ୍ତି। ଏଣୁ ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରି ଠିକ ସମୟରେ ଶିକ୍ଷକଙ୍କୁ ପଦୋନ୍ନତି ଦେବା ପାଇଁ ସଂଘ ଦାବି କରିଛି।

### ଗୃହ ବିଜ୍ଞାନ ଚତ୍ୱର ପ୍ରଶମିତାଙ୍କୁ ସ୍ୱର୍ଣ୍ଣ

ବ୍ରହ୍ମପୁର ଅଫିସ,୧।୪: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୯ ତମ ସମାବର୍ତ୍ତନ ଉତ୍ସବରେ ୨୦୨୦-୨୨ ଶିକ୍ଷାବର୍ଷରେ ସ୍ନାତକୋତ୍ତର ଗୃହବିଜ୍ଞାନ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀ ପ୍ରଶମିତା କବି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ପ୍ରଶମିତା ୪ଟି ସେମିଷ୍ଟାରରେ ବ୍ରହ୍ମପୁର ବିଶ୍ୱବଦ୍ୟାଳୟରେ ସର୍ବାଧିକ (ସିଜିପିଏ) ୮% ମାର୍କ ରଖିଛନ୍ତି। ପ୍ରଶମିତା ଗତ ୨୯ରେ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଠାରୁ ସ୍ୱର୍ଣ୍ଣପଦକ ଓ ସାର୍ଟିଫିକେଟ ଗ୍ରହଣ କରିଥିଲେ। ପ୍ରଶମିତ ଆଗାମୀ ଦିନରେ ଜଣେ ଅଧାପିକା ହେବା ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସେ ୟୁଜିସି ନେଟ୍ ଓ ଏସ୍‌ଏସ୍‌ବି ପାଇଁ ପ୍ରସ୍ତୁତି ଚଳାଇଥିବା କହିଛନ୍ତି।

# ଅବ୍ୟବସ୍ଥାରେ ସିଟି ହସ୍ପିଟାଲ୍ ନିଦାନ ବିଭାଗ

ବ୍ରହ୍ମପୁର ଅଫିସ,୧।୪

ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବ୍ରହ୍ମପୁର ନଗର ଚିକିତ୍ସାଳୟରେ ଥିବା ନିଦାନ କେନ୍ଦ୍ରରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ନିମନ୍ତେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ରୋଗୀଙ୍କ ଠାରୁ ସଂଗ୍ରହ ହୋଇଥିବା ରକ୍ତ ନମୁନା ପରୀକ୍ଷା କରାଯାଉ ନ ଥିବା ଅଭିଯୋଗ ହୋଇଛି ଏବଂ ଜଣକ ପରୀକ୍ଷା ରିପୋର୍ଟ ଅନ୍ୟ ଜଣଙ୍କୁ ଦିଆଯାଉଥିବା ଦେଖିବାକୁ ମିଳିଛି। କର୍ମଚାରୀଙ୍କ ଏଭଳି କାର୍ଯ୍ୟ ନିମନ୍ତେ ରୋଗୀମାନେ ସଠିକ ସମୟରେ ଡାକ୍ତରଙ୍କୁ ଉକ୍ତ ରିପୋର୍ଟ ଦେଖାଇ ପାରୁନାହାଁନ୍ତି। ବ୍ରହ୍ମପୁର ନଗର ଚିକିତ୍ସାଳୟ ଉପରେ ବ୍ରହ୍ମପୁର ସହର ସମେତ ସହର ଠାରୁ ପ୍ରାୟ ୧୫ରୁ ୨୦ କିଲୋମିଟର ଦୂର ପର୍ଯ୍ୟନ୍ତ ଥିବା ଅନେକ ରୋଗୀ ନିର୍ଭର କରିଥାନ୍ତି। ସେହିପରି ଉକ୍ତ ହସ୍ପିଟାଲରେ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀମାନେ ହସ୍ପିଟାଲ ପରିସରରେ ଥିବା ନିଦାନ କେନ୍ଦ୍ରକୁ ରୋଗ ପରୀକ୍ଷା ନିମନ୍ତେ ଯାଇଥାନ୍ତି। ସେଠାରେ ନିଜର ରକ୍ତ ନମୁନା ପରୀକ୍ଷା ନିମନ୍ତେ ଦେଇଥିବା ବେଳେ ଏହାର କିଛି ଘଣ୍ଟା ମଧ୍ୟରେ ରିପୋର୍ଟ ସଂଗ୍ରହ କରିଥାନ୍ତି। କିନ୍ତୁ ବିଭାଗରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ମାନମାନି ଯୋଗୁଁ ସଠିକ୍ ସମୟରେ ରୋଗୀ ରିପୋର୍ଟ ପାଇ ପାରୁନଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଦୁର୍ବନ୍ଧ ଗ୍ରାମର ପ୍ରମିଳା ସାହୁଙ୍କ ୨ ଦିନର ନବଜାତ ପୁତ୍ରଟିର ସ୍ୱାସ୍ଥ୍ୟ ଖରାପ ରହିଥିବାରୁ ତାଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ଚିକିତ୍ସା ନିମନ୍ତେ ଗତ ଦୁଇ ଦିନ ପୂର୍ବେ ଭର୍ତ୍ତି କରିଥିଲେ। ଶିଶୁଟିର ୩ଟି ପରୀକ୍ଷା ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। ପରେ ମେଡ଼ିକାଲରେ ଥିବା ନିଦାନ ବିଭାଗରେ ଶିଶୁଟିର ରକ୍ତ ନମୁନା ଦିଆଯାଇଥିଲା। କିନ୍ତୁ ଉକ୍ତ ୩ଟି ପରୀକ୍ଷା ମଧ୍ୟରୁ ୨ଟି ପରୀକ୍ଷାର ରିପୋର୍ଟ କରାଯାଇଥିବା ବେଳେ ଆଉ ଗୋଟିଏର ପରୀକ୍ଷାର ରିପୋର୍ଟ ସେ ପାଇ ନଥିଲେ। ପରେ କର୍ମଚାରୀଙ୍କ କହିବା ଅନୁଯାୟୀ ଉକ୍ତ ନବଜାତ ଶିଶୁଟିର ପରୀକ୍ଷା ନିମନ୍ତେ ପୁଣି ଥରେ ରକ୍ତ ନମୁନା ଦେଇଥିଲେ। କିନ୍ତୁ ଦ୍ୱିତୀୟ ଦିନରେ ମଧ୍ୟ ଶିଶୁ ପୁତ୍ରଟିର ପରୀକ୍ଷା ରିପୋର୍ଟ ମିଳିଲା ନାହିଁ ଏବଂ କାହିଁକି ରିପୋର୍ଟ ପ୍ରସ୍ତୁତ ହୋଇପାରିଲା ନାହିଁ ସେ ସମ୍ପର୍କରେ ମେଡିକାଲ ପକ୍ଷରୁ ତାଙ୍କୁ ଜଣାଯାଇନଥିଲା। ଏହା ସହ ତାଙ୍କୁ ପୁଣି ଥରେ ଉକ୍ତ ଶିଶୁଟିର ରକ୍ତ ନମୁନା ସଂଗ୍ରହ କରିବାକୁ କୁହାଯାଇଥିଲା। ଏ ନେଇ ଶିଶୁ ପୁତ୍ରର ପରିବାର ଲୋକେ ଶୁକ୍ରବାର ହସ୍ପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ଭର ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ଓ ତ୍ରୁଟି ନିମନ୍ତେ ଏଭଳି ଅନେକ ରୋଗୀ ସମସ୍ୟାର ସମ୍ମୁଖୀନ କରୁଥିବା ଦେଖିବାକୁ ମିଳିଥିଲା। ଗର୍ଭବତୀ ଅଛନ୍ତି କି ନାହିଁ ଏନେଇ ଜଣେ ମହିଳା ଡାକ୍ତରଙ୍କ ପରାମର୍ଶ କ୍ରମେ ନିଦାନ ବିଭାଗକୁ ଯାଇଥିଲେ। କର୍ମଚାରୀମାନେ ଉକ୍ତ ମହିଳାଙ୍କ ରିପୋର୍ଟ ବଦଳରେ ଅନ୍ୟ ଜଣେ ଯୁବତୀଙ୍କ ମୂତ୍ର ପରୀକ୍ଷା ରିପୋର୍ଟ ଦେଇଦେଇଥିଲେ। ସେହିପରି ମୂତ୍ର ପରୀକ୍ଷା ନିମନ୍ତେ ନମୁନା ଦେଇଥିବା ଯୁବତୀ ଜଣକ ତାଙ୍କ ରିପୋର୍ଟ ପାଇନଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏକ ନୂଆ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏ ନେଇ ମେଡିକାଲ ଅଧୀକ୍ଷକ ଡାକ୍ତର ବିଶ୍ୱମ୍ଭର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ନିଦାନ ବିଭାଗରୁ ରୋଗୀଙ୍କ ପରୀକ୍ଷା ରିପୋର୍ଟରେ ସଂଗ୍ରହ କରିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ରୋଗୀମାନେ କିଭଳି ଠିକ୍ ସମୟରେ ରିପୋର୍ଟ ପାଇବେ ସେନେଇ ବିଭାଗର କର୍ମଚାରୀଙ୍କ ସହ ଆଲୋଚନା କରାଯିବ।

# ଏମ୍‌କେସିଜି ଅଧ୍ୟକ୍ଷ ଦାୟିତ୍ୱ ନେଲେ ସନ୍ତୋଷ ମିଶ୍ର

## ଅଧୀକ୍ଷକ ଭାବେ ପ୍ରଫେସର ସୁଚିତ୍ରା ଦାସ



ଏମ୍‌କେସିଜି ଅଧ୍ୟକ୍ଷ ଓ ଅଧୀକ୍ଷକଙ୍କ ଦାୟିତ୍ୱଗ୍ରହଣ।

ବ୍ରହ୍ମପୁର ଅଫିସ,୧।୪

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧ୍ୟକ୍ଷ ତଥା ଡିନ୍ ଭାବେ ଦାୟିତ୍ୱ ନେଇଛନ୍ତି ଅଧୀକ୍ଷକ ଥିବା ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର। ସେହିପରି ପ୍ରଫେସର ଡା. ସୁଚିତ୍ରା ଦାସ ଅଧୀକ୍ଷକ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ପ୍ରଫେସର ସୁଚିତ୍ରା ଦାସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଫେସର ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ଅତିରିକ୍ତ ଅଧୀକ୍ଷକ ଡା. ଅଭିନାଶ ପଣ୍ଡା, ଡା. ନିହାର ରଞ୍ଜନ ଦାଶଙ୍କ ସମେତ ସମସ୍ତ ମ୍ୟାନେଜର, ବରିଷ୍ଠ ଓ କନିଷ୍ଠ କିରାଣୀଙ୍କ ସମେତ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଫେସର ସୁଚିତ୍ରା ଦାସ ଚକ୍ଷୁ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏମ୍‌କେସିଜିର ପ୍ରଥମ ମହିଳା ଅଧୀକ୍ଷକ ଭାବେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଅଧ୍ୟକ୍ଷ ଓ ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର ଅବସର ଗ୍ରହଣ କରିଛନ୍ତି। ଏହି ସମୟରେ ମେଡିକାଲ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଭକ୍ତ ସମ୍ମିଳନୀ



ମହିଳାଙ୍କ ନଗର ପରିକ୍ରମା ।

ଆସିକା,୧।୪(ଡି.ଏନ.ଏ.)

ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଆସିକା ଶାଖା ଆନୁକୂଲ୍ୟରେ ଶୁକ୍ରବାରଠାରୁ ସ୍ଥାନୀୟ ଟାଉନହଲରେ ତ୍ରିଦିବସୀୟ ୪୬ତମ ରାଜ୍ୟସ୍ତରୀୟ ଭକ୍ତ ସମ୍ମିଳନୀ ଆରମ୍ଭ ହୋଇଛି । ଶନିବାର ସମ୍ମିଳନୀର ଦ୍ୱିତୀୟ ଦିବସରେ ମଙ୍ଗଳ ଆଳତୀ, ବିଷ୍ଣୁ ସହସ୍ରନାମ, ଗୀତା ଓ ହନୁମାନ ଚାଳିଶା ପାଠ ସହ ଶିକ୍ଷା ଶିବିର ଏବଂ ଗାୟତ୍ରୀ ହୋମ କରାଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ, ଗୀତ ଗୋବିନ୍ଦ ଓ ଭାଗବତ ପାଠ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଆଦର୍ଶ ପରିବାର ଗଠନ ସହ ସମାଜରେ ଆଧ୍ୟାତ୍ମିକ ଓ ବାତାବରଣ ସୃଷ୍ଟି ଏବଂ ଭାଇଚାର ଭାବ ପ୍ରତିଷ୍ଠା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଥିବା କୁହାଯାଇଥିଲା। ମଧ୍ୟାହ୍ନରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ଆସିଥିବା ଭଗବାନଙ୍କ ଆଜ୍ଞାମାଳକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ଆଜ୍ଞାମାଳକୁ ନଗର ପରିକ୍ରମା ପରେ ଉତ୍ସବସ୍ଥଳିରେ ସ୍ଥାପନ କରାଯାଇଥିଲା । ଅପରାହ୍ନ ୫ଟାରେ ଶ୍ରଦ୍ଧାଳୁଙ୍କ ଏକ କଳସ ଯାତ୍ରା ଗୋପିନାଥ ମନ୍ଦିର ସଂଲଗ୍ନ ଋଷିକୂଲ୍ୟା ନଦୀ ଘାଟରୁ ଜଳ କଳସ ଧରି ଉତ୍ସବ ସ୍ଥଳିରେ ପହଞ୍ଚିଥିଲେ। ଅଭ୍ୟର୍ଥନା କମିଟିର ସଭାପତି ବଂଶୀଧର ନାହାକଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ବିନୋଦ ବିହାରୀ ପାତ୍ର, ବାବୁ ପାତ୍ର, ସୀମାଞ୍ଚଳ ରଥ, ତିରୁପତି ପାତ୍ର, କାମେଶ୍ୱର ଆଚାରୀ, ତାରିଣୀ ସେନାପତି, ଉପଦେଷ୍ଟା ସୁରେନ୍ଦ୍ରନାଥ ପଣ୍ଡା, ସତ୍ୟନାରାୟଣ ରଥ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେପୁଟେଶନ୍‌ରେ ଯାଇଥିବା ଶିକ୍ଷକଙ୍କୁ ଫେରାଇବାକୁ ଦାବି

ଗଞ୍ଜାମ,୧।୪(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବହରି ବେହେରା ୫ବର୍ଷ ହେଲା ଡେପୁଟେଶନରେ ଯାଇଥିବା ବେଳେ ପୁଣି ତାଙ୍କୁ ଫେରାଇ ଆଣି ଉକ୍ତ ସ୍କୁଲରେ ଅବସ୍ଥାପିତ କରିବା ପାଇଁ ଦାବି ଜୋର ଧରିଛି। ଏ ନେଇ ପରିଚାଳନା କମିଟି ଓ ଗ୍ରାମବାସୀ ସ୍ଥାନୀୟ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ମୌଖିକ ଓ ଲିଖିତ ଭାବେ ବିଇଓ କାର୍ଯ୍ୟାଳୟରେ ଦାବି କରି ଆସୁଥିବା ବେଳେ କୌଣସି ସୁଫଳ ମିଳିପାରିନାହିଁ, ଯାହାକୁନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ ବିଦ୍ୟାଳୟଟିରେ ପ୍ରଥମରୁ ୧୦ ଶ୍ରେଣୀଯାଏ ୧୦୬୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୧୮ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ। କିନ୍ତୁ ୫ବର୍ଷ ହେଲା ଉକ୍ତ ସ୍କୁଲରୁ ଦେବହରି ବେହେରାଙ୍କୁ ଡେପୁଟେଶନରେ ପଠାଯାଇଥିବାରୁ ସ୍କୁଲରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସ୍କୁଲରେ ଶ୍ରେଣୀଗୃହର ଅଭାବ ରହିଛି। ଫଳରେ ଅନ୍ୟ ଗ୍ରାମର ପିଲାମାନଙ୍କୁ ମଧ୍ୟ ସମସ୍ୟା ସୃଷ୍ଟି ହେଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଡିଇଓ ଓ ଡିପିସିଙ୍କୁ ଦାବିପତ୍ରର ଅବିକଳ ନକଲ ପ୍ରଦାନ କରାଯାଇଛି।

# ଆଇଆର୍‌ପିଏମ୍ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୧।୪(ଡି.ଏନ୍.ଏ.)

ବୁଗୁଡ଼ା ପିପୁଲ୍ସ କଲେଜର ଆଇଆର୍‌ପିଏମ୍ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଭଞ୍ଜନ ମୁନିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଷ୍ଟାଫ୍ ଆସୋସିଏଶନ୍ ସମ୍ପାଦକ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ପ୍ରଦୀପ କୁମାର ଦାଶ, ଆତ୍ମପ୍ରକାଶ ନାୟକ, ହରିକୃଷ୍ଣ ନାୟକ, ଜୟରାମ ବିଷୋୟୀ, ସଞ୍ଜୟ କୁମାର ପ୍ରଧାନ, ରବୀନ୍ଦ୍ର ନାଥ ପୋଲାଇ, ଦିଲ୍ଲୀପ କୁମାର ସେଠୀ, ଅଧ୍ୟାପିକା ଅନୀତା ଦେବୀ, ସୁରଜିତା ସ୍ୱାଇଁ, ସନ୍ତୋଷୀ ରାଜୁ, ରଶ୍ମିତା ମିଶ୍ରଙ୍କ ସମେତ କଲେଜ କର୍ମଚାରୀମାନେ ଯୋଗ ଦେଇ ବିଦାୟୀ ଅଧ୍ୟାପକ ପ୍ରଭଞ୍ଜନ ମୁନିଙ୍କ ଗୁଣଗାନ କରିବା ସହ ତାଙ୍କର ୩୦ ବର୍ଷ ଅଧ୍ୟାପନା କାଳର କାର୍ଯ୍ୟକଳାପ ଅବିସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଷ୍ଟାଫ୍ ଆସୋସିଏଶନ୍ ସହ-ସମ୍ପାଦକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ

ଜି.ଉଦୟଗିରି,୧।୪(ଡି.ଏନ.ଏ.)

ସ୍ଥାନୀୟ ହବାକ ହାଇସ୍କୁଲ ପରିସରରେ ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଛାତ୍ରମାନଙ୍କ ସମସ୍ୟା ସହିତ ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା ହୋଇଯାଇଛି। ୫-ଟି ଅଧୀନରେ ହବାକ ହାଇସ୍କୁଲ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ହୋଇଥିବା ବେଳେ ଗୁଣାତ୍ମକ ଶିକ୍ଷା ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ନିର୍ମାଣ କରାଯାଇଛି। ବୈଠକରେ ଶତାଧିକ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ପଦ୍ମନାଭପୁର ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ



ଉତ୍ସବରେ ଅତିଥିମାନଙ୍କ ସହିତ ପୁରସ୍କୃତ ପ୍ରତିଭା।

ଦିଗପହଣ୍ଡି,୧।୪(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ ଏବଂ ଅଭିଭାବକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିଚାଳନା କମିଟି ସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତଲତା ମହାରଣା ଅଧ୍ୟକ୍ଷତା କରିଥିଲେ। ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସହକାରୀ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ୱବା ପାଇକ, ରସାନନ୍ଦ ଘଡେଇ, ସିଆର୍‌ସିସି ବଳରାମ ବେହେରା, ସରପଞ୍ଚ ବି. ସନ୍ଧ୍ୟାରାଣୀ ସୁବୁଦ୍ଧି, ନାଏବ ସରପଞ୍ଚ ଅରୁଣ ପ୍ରଧାନ, ୱାର୍ଡ ସଭ୍ୟ ବିପିନ ବାଡ଼ତ୍ୟା, ସଞ୍ଜୀବ କୁମାର, ହାଇସ୍କୁଲ ପରିଚାଳନା କମିଟି ଉପସଭାନେତ୍ରୀ ଏ. ଗୀତା ପ୍ରମୁଖ ଉପସ୍ଥିତ ଥିଲେ। ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଏମ୍. ଶୁକୃ ରେଡ୍ଡୀ, ଶିକ୍ଷୟିତ୍ରୀ ସୁକାନ୍ତି ମହାକୁଡ, ଶିକ୍ଷକ କାଳୀ ପ୍ରସାଦ ପାଣିଗ୍ରାହୀ, ସୀମାଞ୍ଚଳ ପାଢ଼ୀ ପ୍ରମୁଖ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କିରାଣି ମାନସ କବି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୫୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଇକୋ କ୍ଲବ ପକ୍ଷରୁ ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

# ଘୋଡ଼ାଦେଇ ପୀଠର ଉନ୍ନତୀକରଣ ଦାବି

ଧରାକୋଟ,୧।୪(ଡି.ଏନ୍.ଏ.)

ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ ବେଠୁଆର ଗ୍ରାମ ନିକଟରେ ଥିବା ପ୍ରସିଦ୍ଧ ଘୋଡ଼ାଦେଇ ପୀଠ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି। ବିଶେଷକରି ସନ୍ତାନ ପ୍ରାପ୍ତି ପାଇଁ ମାନସିକଧାରୀଙ୍କ ଏଠାରେ ବେଶ ଭିଡ଼ ପରିଲକ୍ଷିତ ହୁଏ। ପ୍ରତି ସପ୍ତାହର ମଙ୍ଗଳବାର ଓ ଶନିବାର ଏଠାରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ହୁଏ। ନିଃସନ୍ତାନ ଦମ୍ପତି ନିଜର ମନୋକାମନା ପୂରଣ ପାଇଁ ବହୁ ଦୂର ଦୂରାନ୍ତରୁ ଏଠାକୁ ଆସନ୍ତି। ବିଶେଷକରି ଚୈତ୍ର ମାସର ପ୍ରତି ମଙ୍ଗବାର ଏହି ପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମେ। ଛୋଟ ପିଲାଙ୍କ ମଣ୍ଡନ ସାଙ୍ଗକୁ ମାନସିକ ପୂରଣଧାରୀ ମା'ଙ୍କ ନିକଟରେ ବଳିଦାନ କରନ୍ତ। ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଶହ ଶହ ବର୍ଷ ପୂର୍ବେ ମା'ଙ୍କୁ ଏଠାରେ ସ୍ଥାପନ କରି ପୂଜାର୍ଚ୍ଚନା କରୁଥିଲେ। ସମ୍ପ୍ରତି ବେଠୁଆର ଗ୍ରାମ୍ୟ କମିଟି ଏହାର ତଦାରଖ ଦାୟିତ୍ୱ ତୁଲାଉଛନ୍ତି। ଏତେ ଦିନ ବିତିଯାଇଥିଲେ ମଧ୍ୟ ପୀଠର ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ। ପୀଠ ମଧ୍ୟରେ କଲ୍ୟାଣ ମଣ୍ଡପ, ବିଶ୍ରମାଗାର, ପରିସ୍ରାଗାର, ରୋଷଶାଳ, ରୋଷପୀଠ ନାହିଁ। ମନ୍ଦିର ପରିସରରେ ପିଇବା ପାଣି ସହ ରୋଷେଇ ପାଣିର ସୁବ୍ୟବସ୍ଥା ନାହିଁ। ବ୍ୟବହୃତ ଜଳର ନିଷ୍କାସନ ପାଇଁ କୌଣସି ବନ୍ଦୋବସ୍ତ ନଥିବାରୁ ପୀଠ ପରିସରରେ ପାଣି ଜମି ରହୁଛି। ପୀଠ ପରିସରରେ କଂକ୍ରିଟ କିମ୍ବା ପେବର ବ୍ଲକ ଆଚ୍ଛାଦିତ ହୋଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ଚାରିପଟେ କର୍ଦ୍ଦମାକ୍ତ ପରିବେଶ ସୃଷ୍ଟି ହେଉଛି। ଏଣୁ ପୀଠର ଉନ୍ନତି ସହ ଏକ ଭକ୍ତ ନିବାସ ନିର୍ମାଣ ପାଇଁ ଦାବି ହେଉଛି।

# ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ ଓଡ଼ିଶା ଦିବସ

ଭଞ୍ଜନଗର,୧।୪(ଡି.ଏନ.ଏ)

## ରୋଜାଲିନ୍ ମହାରଣାଙ୍କ 'ପ୍ରଧାନ ସେବକ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚିତ କରୁଛନ୍ତି।

ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ତରଫରୁ ଶନିବାର ସ୍ଥାନୀୟ ଚକାଡୋଳା ରିସୋର୍ଟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଉପ ଜିଲାପାଳ ଜ୍ୟୋତି ରଞ୍ଜନ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟାପିକା ରୋଜାଲିନ ମହାରଣାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ପ୍ରଧାନ ସେବକ' ଉନ୍ମୋଚନ କରିଥିଲେ। ରାୟ କହିଥିଲେ, ଯେଉଁ ଭାଷା ଯେତେ ଉନ୍ନତ ସେ ରାଜ୍ୟ ସେତେ ଉନ୍ନତ। ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସମସ୍ତଙ୍କ ପ୍ରଚେଷ୍ଟା ଲୋଡ଼ା ବୋଲି ରାୟ କହିଥିଲେ। ବିଡିଓ ଶଶିଭୂଷଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆ ଭାଷା ସାହିତ୍ୟର ବ୍ୟବହାର କିଭଳି ବୃଦ୍ଧି ପାଇବ ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ। ବିଭିନ୍ନ ପରୀକ୍ଷାଗୁଡ଼ିକ ମଧ୍ୟ ଓଡ଼ିଆ ମାଧ୍ୟମରେ କରିବା ପାଇଁ ଇତି ମଧ୍ୟରେ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଲାଭବାନ ହେବେ ବୋଲି ଶ୍ରୀ ମହାପାତ୍ର କହିଥିଲେ। ତହସିଲଦାର ଅଚ୍ୟୁତାନନ୍ଦ ଜାନି ସମ୍ମାନିତ ଅତିଥି ଭାବେ ଯୋଗଦେଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼.କମ୍ବୁପାଣି ସାମନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ଭୌତିକ ଉନ୍ନତି ହୋଇଛି ବୋଲି କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ସୁଜାତା ସିଂ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ପାଦକ ବାବୁଲା ପ୍ରଧାନ, ଅଧ୍ୟାପକ ବିଜୟ ମଲ୍ଲିକ, ଛାତ୍ରୀ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସାଗରିକା ସ୍ୱାଇଁ, ଦିପ୍ତୀମୟୀ ବେହେରା, ଛାତ୍ର ଆଦିତ୍ୟ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା' କୁଠାରୀ କ୍ରିକେଟ୍ ଟୁର୍ନାମେଣ୍ଟ, ବାହାଦୁରପେଟା ବିଜୟୀ

ଗୋପାଳପୁର,୧।୪(ଡି.ଏନ୍.ଏ.)



ବିଜୟୀ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଉଛି।

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଗୋଳନ୍ଥରା ଚଟିସ୍ଥିତ ହାଇସ୍କୁଲ ଖେଳପଡ଼ିଆରେ ଶୁକ୍ରବାର ମା' କୁଠାରୀ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ କୀର୍ତ୍ତିପୁରକୁ ପରାସ୍ତ କରି ବାହାଦୁରପେଟା ବିଜୟୀ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ ଟିମ୍ ଭାଗ ନେଇଥିଲେ। ଶୁକ୍ରବାର ବାହାଦୁରପେଟା ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରିଥିଲା। ୧୨ ଓଭରରେ ୭ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କୀର୍ତ୍ତିପୁର ୧୦ ଓଭର ୫ ଗୋଟି ବଲରେ ସମସ୍ତ ଉଇକେଟ ହରେଇବା ସହ ପରାଜୟ ବରଣ କରିଥିଲା। ଟୁର୍ନାମେଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଗୋପବନ୍ଧୁ ଦାଶ, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ. ଉଷାରାଣୀ, ଜିଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, କୋଠାରସିଂ ସରପଞ୍ଚ ଦୁର୍ଯ୍ୟୋଧନ ରେଡ୍ଡୀ, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ସମିତି ସଭ୍ୟ ଆଶିଷ ରାଉଳ, ସାମାଜିକ କର୍ମୀ ଡି. ଭରତ ରେଡ୍ଡୀ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ବିଜୟୀ ଟିମର ଚେନ୍ଦ୍ରୟା, ବେଷ୍ଟ ବ୍ୟାଟ୍ସମ୍ୟାନ ବିଘ୍ନେଶ ହୋଇଥିବା ବେଳେ ବେଷ୍ଟ ବୋଲର ଭାବେ ଭେଙ୍କିଙ୍କୁ ଅତିଥିମାନଙ୍କ ଦ୍ୱାରା ସିଲ୍ଡ ପ୍ରଦାନ କରାଯାଇଥିଲା। ବିଜୟୀ ଟିମ ବାହାଦୁରପେଟାକୁ ୧୧୧୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ଓ ରନର ଟିମ କୀର୍ତ୍ତିପୁର ୫୫୦୦ ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକମାନଙ୍କ ମଧ୍ୟରେ ଏନ୍. ଶ୍ୟାମ କୁମାର ରେଡ୍ଡୀ, ଡି. ହେମ ରେଡ୍ଡୀ, ଜି. ରବି ରେଡ୍ଡୀ, ପି. ନାଗରାଜ ରେଡ୍ଡୀ, ପି. କୁରେଶ ରେଡ୍ଡୀ, ଜି. କୁମାର ରେଡ୍ଡୀ, କେ. କୈଳାସ ରେଡ୍ଡୀ, ବାଲାଜୀ ଜେନା, ଏନ୍. ଚେନ୍ଦ୍ରୟା ରେଡ୍ଡୀ, ଏନ୍. ଲୋକନାଥ ରେଡ୍ଡୀ, ଏନ୍. ନବୀନ ରେଡ୍ଡୀ, ସିଏଚ ନରେଶ, କ୍ଷୀରୋଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବରୀ ଥାନା ଅଧିକାରୀ ପୁରସ୍କୃତ



ବରୀ,୧।୪(ଡି.ଏନ.ଏ.): ୮୮ ତମ ପୋଲିସ ପ୍ରତିଷ୍ଠା ଦିବସରେ ଶନିବାର ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ନିଜର କାର୍ଯ୍ୟ ଦକ୍ଷତା ପାଇଁ ରାଜ୍ୟ ପୋଲିସ ବିଭାଗ ତରଫରୁ ପୁରସ୍କୃତ ହୋଇଛନ୍ତି। ପୋଲିସ ଡିଜି ସୁନୀଲ ବଂଶଲ ତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ସ୍ୱାଇଁ ୦୮।୦୪।୨୦୨୨ରେ ବରୀରେ ଯୋଗ ଦେଇଥିଲେ। ପୁରସ୍କାର ମିଳିବା ପରେ ତାଙ୍କୁ ବରୀବାସୀଙ୍କ ତରଫରୁ ପ୍ରଶଂସା କରାଯାଇଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ବରୀ,୧।୪(ଡି.ଏନ.ଏ.) ବରୀ ବ୍ଲକ୍ ଅଧୀନ ଗୋଳକୁଣ୍ଡ ପଞ୍ଚାୟତ ହରିପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନିରଞ୍ଜନ ଜେନାଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାଇ ଖେଳିଯାଇଛି। ଶନିବାର ମରଶରୀର ତାଙ୍କ ବାସଭବନରେ ପହଞ୍ଚିବା ପରେ ବହୁ ଶୁଭେଚ୍ଛୁ ଓ ସ୍ଥାନୀୟ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶୋଭାଯାତ୍ରାରେ ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଶେଷ ଦର୍ଶନ ପାଇଁ ହରିପୁର ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଗ୍ରାମ ଶ୍ମଶାନକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷ କୃତ୍ୟ ସମୟରେ ପୂର୍ବତନ ପ୍ରଧାନଶିକ୍ଷକ କର୍ଣ୍ଣ ଚନ୍ଦ୍ର ଘଡ଼ାଇ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ନାଥ ସାମଲ, ଶତ୍ରୁଘ୍ନ ସାମଲ, ଗିରିଶ ଚନ୍ଦ୍ର ପାଣିଗ୍ରାହୀ, ମଦନମୋହନ ଦାଶ, ହରିପୁର ଗ୍ରାମର ଗଗନ ବିହାରୀ ଜେନା, ଭ୍ରମରବର ବଳିଆର ସିଂ, ମଧୁସୂଦନ ଜେନା ଓ ରାହାସ ବିହାରୀ ଜେନାଙ୍କ ସହ ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କର ଏକ ମାତ୍ର ପୁଅ ସ୍ମୃତିକିଷ୍ଟ(ବାପି) ମୁଖାଗ୍ନି ଦେଇଥିଲେ।

## ଜିଲା ଜନ୍ମ ଉତ୍ସବ ପାଳିତ

ସିଂହପୁର,୧।୪(ଡି.ଏନ.ଏ.): ମା' ଯଶୋଦା କଳା ପରିଷଦ ପକ୍ଷରୁ ଯାଜପୁର ଜିଲାର ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି, ଜଗଦୀଶ ମଲିକ, ବିଜୟିନୀ ଦାସ, ପ୍ରିୟଦର୍ଶନୀ ସାମଲ, ପ୍ରତିମା ସାହୁ, ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଯୋଗଦେଇ ଯାଜପୁର ଜିଲା ସମ୍ପର୍କରେ ଆଲୋଚନା କରିବା ସହ ଜିଲା ଉପରେ ସଂଗୀତ ଗାନ କରିଥିଲେ।

# ୬ରେ ଅଟକିଛି ଆଦର୍ଶ ଗ୍ରାମ ଯୋଜନା

**ଯାଜପୁର ଅଫିସ,୧।୪**

■ ସହଭାଗିତାର ଅଭାବ ପ୍ରମୁଖ କାରଣ
■ ୩୦ ବର୍ଷରେ ପଦାର୍ପଣ କଲା ଯାଜପୁର ଜିଲା




ଆଦର୍ଶ ଗ୍ରାମ ଯୋଜନା ସାଧାରଣ ଲୋକଙ୍କୁ ସମ୍ମାନ ଓ ସ୍ୱାଭିମାନର ସହ ଜୀବନ ନିର୍ବାହର ଏକ ସର୍ବୋତ୍ତମ ଯୋଜନା। କେବଳ ସରକାରୀ ବିଭାଗ ବା ଦାୟିତ୍ୱ ନିର୍ବାହକାରୀ ସଂସ୍ଥା କୌଣସି ଅଞ୍ଚଳର ବିକାଶ ବା ଉନ୍ନୟନ କରିବା ସମ୍ଭବ ନୁହେଁ। ସେଥିପାଇଁ ସାଧାରଣ ଲୋକ ବିଶେଷକରି ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ୨୦୧୬ ଅକ୍ଟୋବର ୨୪ରେ ଏଭଳି କିଛି ଆହ୍ୱାନ ଦେଇ ଆଦର୍ଶ ଗ୍ରାମ ଯୋଜନା ଯାଜପୁର ଜିଲାରେ କାର୍ଯ୍ୟକାରୀ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକର ସୁନ୍ଦରିଆ, ଦଶରଥପୁର ବ୍ଲକର ମଙ୍ଗଳପୁର ଓ ଯାଜପୁର ବ୍ଲକର ଭୁବନେଶ୍ୱରପୁର, ଦ୍ୱିତୀୟ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକର ଚକ୍ରଧରପୁର, ତୃତୀୟ ପର୍ଯ୍ୟାୟରେ ବଡ଼ଚଣା ବ୍ଲକର ସାମିଆ ଏବଂ ଚତୁର୍ଥ ପର୍ଯ୍ୟାୟରେ ଯାଜପୁର ସଦର ବ୍ଲକର ବେରୁଦା ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ଆଜକୁ ସାଢେ ୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲାର ୬ଟି ଗାଁରେ ଆଦର୍ଶ ଗ୍ରାମ ଯୋଜନା ସୀମିତ ରହିଛି। ଯାଜପୁର ଜିଲା ଗଠନକୁ ଆଜି ୩୦ ବର୍ଷ ପୂରିଥିଲେ ହେଁ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଜିଲାର ଗ୍ରାମାଞ୍ଚଳ ସବୁ କ୍ଷେତ୍ରରେ ଅବହେଳିତ ଏବଂ ପଛୁଆ ହୋଇରହିଛି ବୋଲି ମତପ୍ରକାଶ ପାଇଛି।

ସାଧାରଣ ଲୋକଙ୍କର ସର୍ବନିମ୍ନ ମୌଳିକ ଆବଶ୍ୟକତା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ ସମେତ ବିଦ୍ୟୁତ୍, କୃଷି, ବ୍ୟାଙ୍କିଙ୍ଗ୍, ଜୀବିକା, ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଦର୍ଶ ଗ୍ରାମର ପରିକଳ୍ପନା କରାଯାଇଛି। ଏହିକ୍ରମରେ ପ୍ରଥମ ପର୍ଯ୍ୟାୟରେ ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତକୁ ଆଦର୍ଶ ଗ୍ରାମ ଭାବେ ନିଆଯାଇ ତାହାର ବେସିକ ଲାଇନ ସର୍ଭେ କାର୍ଯ୍ୟ ସମାପ୍ତ ସହ ଅନ୍ୟାନ୍ୟ ବିଭାଗର ବିବିଧ ଯୋଜନାକୁ ରୂପାୟନ କରାଯାଇଥିଲା। ସମ୍ପୂର୍ଣ୍ଣ ମଳମୁକ୍ତ ଗ୍ରାମ ଭାବେ ତାହାକୁ ଗଢ଼ିତୋଳିବାକୁ ପଦକ୍ଷେପ ନେବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଥିଲା। ସେହିପରି ଧର୍ମଶାଳା ବ୍ଲକର ସୁନ୍ଦରିଆ ଗ୍ରାମ ପଞ୍ଚାୟତ ଓ ଦଶରଥପୁର ବ୍ଲକର ମଙ୍ଗଳପୁର ପଞ୍ଚାୟତକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯାଇଥିବାରୁ ତାହାର ବେସିକ୍ ଲାଇନ୍ ସର୍ଭେ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଯୋଜନା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଠାରେ ମଙ୍ଗଳପୁର ଗ୍ରାମକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଗ୍ରାମରେ ଗତ ପ୍ରାୟ ୧ ବର୍ଷ ହେଲା ବସୁଧା ଯୋଜନାରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପରେ ଓଭର ହେଡ୍ ଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ହେଲେ ଏଯାଏ ସ୍ୱଚ୍ଛ ପାନୀୟ ଜଳ ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ଦଶରଥପୁର ବ୍ଲକର ଥାଲକୁଡି ପଞ୍ଚାୟତରେ ନିର୍ମାଣ ହୋଇଥିବା ପ୍ରକଳ୍ପରୁ ଆଂଶିକ ଭାବେ ଜଳଯୋଗାଣ କରାଯାଉଛି। ପୁଣି ଅଧିକାଂଶ ସମୟରେ ଲୁଣିପାଣି ଆସୁଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରାୟ ୪୦ ପ୍ରତିଶତ ଘରେ ଏଯାଏ ଶୌଚାଳୟ ନିର୍ମାଣ ହୋଇ ନ ଥିବାରୁ ସମ୍ପୃକ୍ତ ଲୋକେ ବାହାରେ ମଳତ୍ୟାଗ କରୁଛନ୍ତି। ଗ୍ରାମ ସଡ଼କ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଭଳି ଅନେକ ମୌଳିକ ସମସ୍ୟାରେ ଗ୍ରାମବାସୀ ରୁନ୍ଧି ହେଉଥିବାରୁ ଆଦର୍ଶ ଗ୍ରାମର ପରିକଳ୍ପନା ପରାହତ ହୋଇଥିବା ମତପ୍ରକାଶ ପାଇଛି। ଏହାବାଦ ଧର୍ମଶାଳା ବ୍ଲକର ଆଦର୍ଶ ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ତରଫରୁ ପାଇଖାନା ନିର୍ମାଣରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ୨୦୧୭ ଅକ୍ଟୋବରରେ ସରକାରୀ ଭାବେ ୯୨୬ ପାଇଖାନା ନିର୍ମାଣ ହୋଇଥିବା କୁହାଯାଇଥିବାବେଳେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରେ ୩ ସ୍ୱୟଂସହାୟକ ଦଳ ମାଧ୍ୟମରେ ୫୫୪ ନିର୍ମାଣ ହୋଇଥିଲା। ଏଭଳି ତାଳମେଳ ରହୁ ନ ଥିବାରୁ ୩୭୨ଟି ପାଇଖାନାର ହିସାବ ମିଳି ନ ଥିଲା। ଏହାସହ ନିର୍ମାଣ ହୋଇଥିବା ପାଇଖାନା ବ୍ୟବହାର ନ ହୋଇ ସେଠାରେ ପାଳ ଭର୍ତ୍ତି କରାଯାଇଥିବା ଦେଖା ଯାଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଥିଲେ। ଏବେବି ସେହି ଗ୍ରାମ ବାହ୍ୟ ମଳମୁକ୍ତ ହୋଇପାରିନାହିଁ। ଏହାବାଦ୍ ଅନ୍ୟାନ୍ୟ ମୌଳିକ ସମସ୍ୟା ଏଠାରେ ଲାଗି ରହିଛି। ଏଭଳି ଭାବରେ ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ, ନୀରିହ ଓ ନିଷ୍ପେଷିତ ଲୋକଙ୍କ ଜୀବନଶୈଳୀର ପରିବର୍ତ୍ତନ ହୋଇ ପାରିନାହିଁ। ୪ଟି ପର୍ଯ୍ୟାୟରେ ମାତ୍ର ୬ଟି ଆଦର୍ଶ ଗ୍ରାମ ଗଠନରେ ସୀମିତ ଏବଂ ଏହାର ଉଦ୍ଦେଶ୍ୟ ପୂରଣ କରିବାରେ ପ୍ରଶାସନିକ ଅବହେଳା ୩୦ ବର୍ଷ ପୁରୁଣା ଜିଲାର ବିକାଶରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଇଚ୍ଛାନଗର ପାଟଣା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଛତିଆ,୧।୪(ଡି.ଏନ.ଏ.):**

ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତ ଅଧୀନ ଇଚ୍ଛାନଗର ପାଟଣା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ଶିକ୍ଷୟିତ୍ରୀ ସସ୍ମିତା ଷଡ଼ଙ୍ଗୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧନ ସଂଯୋଜକ ରଶ୍ମିରଞ୍ଜନ ଷେଣ୍ଡ, ବରିଷ୍ଠ ଶିକ୍ଷକ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ନୟନା ବେହେରା, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ପଣ୍ଡା, ମମତା ଦାସ, ପ୍ରକାଶ ବାଇ, ମଧୁସୂଦନ ବାରିକ ଓ ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ଗୁରୁଙ୍କ ସହ ଅଭିଭାବକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ଶିକ୍ଷା ସହିତ ଶାରୀରିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ବନ୍ଦିତା ପତି ମଞ୍ଚ ପରିଚାଳନା କରିଥିଲେ। ଆମନ୍ତ୍ରିତ ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଜା ନାଥ ଧନ୍ୟବାଦ ଦେଇଥିଲେ।

# ସୁକିନ୍ଦା ପ୍ରେସ୍ କ୍ଲବ ପ୍ରତିଷ୍ଠାତାଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ



ସୁକିନ୍ଦା ପ୍ରେସ୍ କ୍ଲବ ପ୍ରତିଷ୍ଠାତାଙ୍କୁ ସମ୍ମାନିତ କରାଯାଉଛି।

**କାଳିଆପାଣି,୧।୪(ଡି.ଏନ.ଏ.):**

ସୁକିନ୍ଦାର ବର୍ଷୀୟାନ ସାମ୍ବାଦିକ, ସୁକିନ୍ଦା ପ୍ରେସ୍ କ୍ଲବ ଡୁବୁରୀର ପ୍ରତିଷ୍ଠାତା ସଭ୍ୟ ଓ ପ୍ରଥମ ସଭାପତି ଜୟନାରାୟଣ ମହାପାତ୍ରଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ସୁକିନ୍ଦା ପ୍ରେସ୍ କ୍ଲବ ପକ୍ଷରୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ-୨୦୨୩ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରେସ୍ କ୍ଲବର ୨୩ତମ ବାର୍ଷିକ ଉତ୍ସବରେ ତାଙ୍କୁ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରାଯାଇଥିବା ଘୋଷିତ ହୋଇଥିଲା। ତେବେ ଶାରୀରିକ ଅସୁସ୍ଥତା ଯୋଗୁ ସେ ଉପସ୍ଥିତ ହୋଇପାରି ନ ଥିବାରୁ ପ୍ରେସ୍ କ୍ଲବ ସଭାପତି ବିଶ୍ୱଜିତ ନାୟକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ନିହାର ପାତ୍ର, ଲମ୍ବୋଦର ଦଳବେହେରା, ଅସିତ ମହାନ୍ତ, ମନୋଜ ନାୟକ, ସେକ୍ ଜହୁର, କପିଳେନ୍ଦ୍ର ମହାନ୍ତ, ସୌମ୍ୟରଞ୍ଜନ ବାରିକ, ରୋହିତ କୁମାର ଖୁଣ୍ଟିଆ ଓ ସଞ୍ଜୀବ ମହାନ୍ତ ପ୍ରମୁଖ ମହାପାତ୍ରଙ୍କ ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋସ୍ଥିତ ବାସ ଭବନରେ ଗୁରୁବାର ସନ୍ଧ୍ୟାରେ ପହଞ୍ଚି ତାଙ୍କୁ ପ୍ରଶଂସାପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଛନ୍ତି।

# ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

**ଧର୍ମଶାଳା,୧।୪(ଡି.ଏନ.ଏ.):**



ଶ୍ରୀରାମଚରିତ ମାନସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରବଚକ।

ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆସ୍ଥିତ ଶ୍ରୀମଧୁକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ ଅବସରରେ ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ ତାରିଖରୁ ୯ ଦିନ ବ୍ୟାପୀ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ସହିତ ୧୦୮ ହନୁମାନ ଚାଳିଶା ପାଠ, ପ୍ରବଚନ ଓ ଭଜନକୀର୍ତ୍ତନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀରମ ଜନ୍ମ ମହୋତ୍ସବ କମିଟି ସଭାପତି ପଣ୍ଡିତ ବିଜୟ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଦିବସରେ ବଡ଼ ଆଖଡା ମଠପୁରୀର ପଣ୍ଡିତ ପ୍ରଭୁପଦ ରଥ, ପଣ୍ଡିତ କମଳଲୋଚନ ପଣ୍ଡା, ପଟାମୁଣ୍ଡାଇ ରାଧାରମଣ ମଠର ମଠାଧିଶ ବାବା ଅସୀମାନନ୍ଦ ଦାସ, ପଣ୍ଡିତ ହୃଷୀକେଶ ରଥଶର୍ମା, ଓଡ଼ିଶା ଭାଷା ଓ ସାଂସ୍କୃତିକ ବିଭାଗ ଅତିରିକ୍ତ ସଚିବ ମଧୁସୁଦନ ଦାସ, ଇଂ. ମନୋରଞ୍ଜନ ମିଶ୍ର, ବାବା ମନୋହର ଦାସମହାରାଜ, ଖୋର୍ଦ୍ଧାର ବାବା ସତ୍ୟଚୈତନ୍ୟ ଦାସମାହାରାଜ, ଗୋପପୁର ପଣ୍ଡିତ ରବୀନ୍ଦ୍ର ହୋତା, ଢେଙ୍କାନାଳ ସୁରପ୍ରତାପୁରର ବାବା ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀ ଯୋଗଦେଇ ପ୍ରବଚନ ଦେଇଥିଲେ।

ଉଦ୍‌ଯାପନୀ ଦିବସରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଖବରଦାତା ରମାକାନ୍ତ ଜେନା, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, କଟକ ଏସ୍‌ଡିପିଓ ଅମିତାଭ ମହାପାତ୍ର, ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଆଇଆଇସି ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ କଣ୍ଠଶିଳ୍ପୀ ଶୌରଭ ନାୟକ ଓ ତାଙ୍କ ସାଥୀମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ତୁହିନାଂଶୁ ରଥ, ସଞ୍ଜୀବ କୁମାର ଜେନା, ସୂର୍ଯ୍ୟମଣି ପଣ୍ଡା, ଅରୁପାନନ୍ଦ ଜେନା, ସଞ୍ଜୀବ ହୋତା, ପ୍ରଫୁଲ୍ଲ କୁମାର ବେହେରା, ହରିହର ମିଶ୍ର, ବ୍ରହ୍ମାନନ୍ଦ ପଣ୍ଡା ଓ ସୁଶ୍ରୀ ଅପାବୃତା ରଥ ପ୍ରମୁଖ ପରିଚଳନା କରିଥିଲେ।

## ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷଙ୍କ ପରଲୋକ

**ଚଣ୍ଡିଖୋଲ,୧।୪(ଡି.ଏନ.ଏ.):**

ବଡଚଣା ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧକ୍ଷ କାଞ୍ଚନ ବାଳା ସିଂହ(୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ରୋଗଗ୍ରସ୍ତ ହୋଇ ପଡିଥିଲେ। ୧୯୯୭ରେ ସେ ଅଭିଭକ୍ତ ବଡ ବାଲିକୁଦା ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବଡ଼ଚଣା ପଞ୍ଚାୟତ ସମିତିର ଉପାଧକ୍ଷ ଭାବେ ୨୦୦୨ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ମୃତ୍ୟୁ ଖବର ପାଇଁ ତାଙ୍କ ନିଜ ଗ୍ରାମ ନିଆଳିଠାରେ ପହଞ୍ଚି ବହୁ ଲୋକ ଶେଷ ଦର୍ଶନ କରିଥିଲେ। କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ବାଲିକୁଦାଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।

## ଯଶୋଦା କଳା ପରିଷଦ ପକ୍ଷରୁ ଓଡ଼ିଶା ଦିବସ

**ସିଂହପୁର,୧।୪(ଡି.ଏନ.ଏ.):**

ମା' ଯଶୋଦା କଳା ପରିଷଦ ମଙ୍ଗଳପୁର ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି, ଜଗଦୀଶ ମଲିକ, ବିଜୟିନୀ ଦାସ, ପ୍ରିୟଦର୍ଶନୀ ସାମଲ, ପ୍ରତିମା ସାହୁ, ସ୍ୱପ୍ନା ମଲିକ, ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ଗାନ କରିବା ସହିତ ମହାପୁରୁଷଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– **194/2022-23/RWD/CHATRA,** दिनांक– **21.12.2022, PR NO.- 285723** द्वारा प्रकाशित निविदा में आईडेन्टीफिकेशन संख्या– **RWD /CHATRA /08 /2022-23** एवं **RWD/CHATRA/09/2022-23** की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294223 (Rural Work Department)22-23*D

# ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ

## ଯାଜପୁର ଜିଲାର ୬ ପୋଲିସ କର୍ମଚାରୀ ସମ୍ବର୍ଦ୍ଧିତ

**ପାଣିକୋଇଲି,୧।୪(ଡି.ଏନ.ଏ.):**

ପାଣିକୋଇଲି ପୋଲିସ ମୁଖ୍ୟାଳୟର ରିଜର୍ଭ ପୋଲିସ ପଡ଼ିଆରେ ଶନିବାର ୮୮ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ବିନୀତ୍ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେ ପୋଲିସ କିପରି ଶୃଙ୍ଖଳିତ ହୋଇ ଜନସାଧାରଣଙ୍କ ସେବା କରିପାରିବ ଓ ନିଜେ ନିଜକୁ କିପରି ଢଙ୍ଗରେ ଜନସାଧାରଣଙ୍କ ଆଗରେ ପ୍ରତିପାଦିତ କରିପାରିବ ତାହା ଉପରେ କହିବା ସହ ପ୍ରାଣବଳୀ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ନେଇ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲା ପୋଲିସରେ କର୍ତ୍ତବ୍ୟରତ ଶ୍ରେଷ୍ଠ ଏସ୍‌ଆଇ ଭାବେ କଳିଙ୍ଗନଗର ଥାନାର ରାଜେଶ ସେଠୀ, ଶ୍ରେଷ୍ଠ ଏଏସ୍‌ଆଇ କୋରେଇ ଥାନାର ଶରତ କୁମାର ବେହେରା, ଶ୍ରେଷ୍ଠ ହାବିଲଦାର ବୈରୀ ଥାନାର ଶରତ ଚନ୍ଦ୍ର ପରିଡ଼ା, ଶ୍ରେଷ୍ଠ କନଷ୍ଟେବଲ ଭାବେ ପବିତ୍ର ମୋହନ ପଣ୍ଡା, ଏପିଆର ତପନ କୁମାର ବରାଳ, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଲ ଭାବେ ଟ୍ରାଫିକ ଥାନାର ବିଜୟ କୁମାର ମଲ୍ଲିକଙ୍କୁ ଏସପି ମାନପତ୍ର, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସ୍‌ପି ନାରାୟଣ ବାରିକ ମାନପତ୍ର ପାଠ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି, ସରଜେଣ୍ଟ ବୀର ସିଂହ ଶବର, ବିରଞ୍ଚି ନାରାୟଣ ସାହୁ, ହାବିଲଦାର ଭାସ୍କର ସାହୁ, ମଧୁସୂଦନ ଜେନା ଓ ଟୁନା ଜେନା ପରେଡ ପରିଚାଳନା କରିଥିଲେ। ଜିଲାର ସମସ୍ତ ପୋଲିସ ପଦାଧିକାରୀ ଓ ବିଭିନ୍ନ ଥାନାଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ପୋଲିସ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ପରେଡ଼।

## ବୈରୀରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

**ଛତିଆ,୧।୪(ଡି.ଏନ.ଏ.):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଛତିଆ ନିକଟସ୍ଥ ସୋଲର ବୈରୀଠାରେ ଅବସ୍ଥିତ ପୋଲିସ ତାଲିମ ପ୍ରତିଷ୍ଠାନ କେନ୍ଦ୍ରରେ ଶନିବାର ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଦୁର୍ଗପତି ଅଶୋକ କୁମାର ଦେହୁରି ଯୋଗଦେଇ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପୋଲିସ କର୍ମଚାରୀମାନେ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର ଦେଖାଇବା ସହିତ ସର୍ବଦା ବିନୟୀ, ଶିଷ୍ଟାଚାରୀ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଦୁର୍ଗପତି ମନୋଜ କୁମାର ମୁର୍ମୁ, କସ୍ତୁରୀ ନାୟକ, ବସନ୍ତ ନାୟକ, ସୁଜିତ କୁମାର ମିଶ୍ର, ମଧୁସ୍ମିତା ମହାନ୍ତି ଓ ଅନ୍ୟ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ନେଉଥିବା ୨୩୨ ଏଏସ୍‌ଆଇ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– **79/RI/2022-23/RWD/DHANBAD,** दिनांक 12.01.2023, **PR NO.-287503** द्वारा प्रकाशित निविदा में आईडेन्टीफिकेशन संख्या– **RWD/DHANBAD/10/2022-23** की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची

पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– **223/2022-23/RWD/DHANBAD,** दिनांक **06.01.2023, PR NO.- 286901** द्वारा प्रकाशित निविदा में आईडेन्टीफिकेशन संख्या– **RWD/DHANBAD/24/2022-23** एवं **RWD/ DHANBAD /25/ 2022-23** की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294238 Rural Work Department(23-24).D

# ଶିକ୍ଷାନୁଷ୍ଠାନରେ କମ୍, ତାଲିକାରେ ଅଧିକ ଶିକ୍ଷକ

## ଜିଲା ଶିକ୍ଷାଧିକାରୀଙ୍କୁ ଭୁଲ୍ ତଥ୍ୟ ଦିଆଯାଇଥିବା ଅଭିଯୋଗ

ନାଉଗାଁ,୧।୪(ସ୍ୱ.ପ୍ର.)

ନାଉଗାଁରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶି ସମୁଦାୟ ୭୯ଟି ରହିଛି। ଏସବୁ ବିଦ୍ୟାଳୟ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ରକ୍ଷା ଓ ମଧ୍ୟାହ୍ନଭୋଜନର ତଦାରଖ ପାଇଁ ୯ଟି କ୍ଲଷ୍ଟର ରହିଛି। ଏହି ୯ କ୍ଲଷ୍ଟରରେ ୯ ଜଣ ସିଆର୍‌ସିସି ନିଯୁକ୍ତ ହୋଇଛନ୍ତି। ଏସବୁ ବିଦ୍ୟାଳୟରେ ପିଲାସଂଖ୍ୟା ଅନୁସାରେ କେତେଜଣ ଶିକ୍ଷକ ରହିଛନ୍ତି ସେ ସମ୍ପର୍କରେ ଗତ ମାର୍ଚ୍ଚରେ ଏକ ତାଲିକା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍‌କୁ ପଠାଯାଇଛି। ଏଥିରେ ଭୁଲ୍ ତଥ୍ୟ ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ଗତ ୨୯ ମାର୍ଚ୍ଚ ୨୦୨୩ରେ ବାଲି ମଝିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା କମିଟି ସଭାପତି ଓ ଅଭିଭାବକମାନେ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଶିକ୍ଷା କମିଟି ସଭାପତି ପ୍ରଶାନ୍ତ ସାହୁ, ଆଲୋକ କୁମାର ଦାସ, ପ୍ରଫୁଲ୍ଲ ସାହୁ, ଅମିୟ ପୃଷ୍ଟି ଓ ନିରଞ୍ଜନ ପୃଷ୍ଟିଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢ଼ନ୍ତି। ୭ ଶ୍ରେଣୀକୁ ୩ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଦୀର୍ଘଦିନ ହେବ ଛୁଟିରେ ରହିଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ଛାଡ଼ି ଆଉ ଜଣେମାତ୍ର ସହକାରୀ ଶିକ୍ଷକ ରହିଛନ୍ତି। କିନ୍ତୁ ସରକାରଙ୍କ ଇ-ଡେସ୍‌ପାଚ୍‌କୁ ଅନୁଧ୍ୟାନ କଲେ ଉକ୍ତ ବିଦ୍ୟାଳୟରେ ୪ ଜଣ ଶିକ୍ଷକ ଥିବା ଦର୍ଶାଯାଇଛି। କେବଳ ବାଲି ମଝିପଡା ନୁହେଁ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜିଲା ଶିକ୍ଷାଧିକାରୀଙ୍କୁ ପଠାଯାଇଥିବା ଇ-ଡେସ୍‌ପାଚ୍ ଚିଠି ସଂଖ୍ୟା ୪୨୮/୯।୩।୨୩ର ତାଲିକାରେ ଶିକ୍ଷକଙ୍କ ସଂଖ୍ୟା ଅଧିକ ଦର୍ଶାଯାଇଛି। ନନ୍ଦିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୯୪ ଜଣ ପିଲା ଥିବାବେଳେ ସେଠାରେ ୪ ଶିକ୍ଷକ ରହିଛନ୍ତି । କିନ୍ତୁ ତାଲିକାରେ ୬ ଜଣ ଶିକ୍ଷକ ଥିବା ଉଲ୍ଲେଖ ରହିଛି। ଭଟଣା ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୫୧ ଜଣ ପିଲାଙ୍କ ଲାଗି ୩ ଶିକ୍ଷକ ରହିଛନ୍ତି। କିନ୍ତୁ ତାଲିକାରେ ୫ ଶିକ୍ଷକ ଲେଖାଯାଇଛି। ପଞ୍ଚାୟତ ବାଣିପୀଠ ଜାମୁଦଣ୍ଡାରେ ୧ରୁ ୮ମ ପର୍ଯ୍ୟନ୍ତ ୮୦ ଜଣ ପିଲାଙ୍କୁ ୫ ଶିକ୍ଷକ ଥିବାବେଳେ ତାଲିକାରେ ୪ ଦର୍ଶାଯାଇଛି। ସେହିପରି ପଞ୍ଚାୟତିରାଜ ନୋଡାଲ ଉଚ୍ଚ ବିଦ୍ୟାଳୟ ଏରେଡ଼ାରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୮୮ ଜଣ ପିଲାଙ୍କ ପାଇଁ ୧୦ ଶିକ୍ଷକ ଥିବାବେଳେ ତାଲିକାରେ କିନ୍ତୁ ୧୧ ଦର୍ଶାଯାଇଛି। ଏହି ବିଦ୍ୟାଳୟରେ ୧ମରୁ ୮ମ ପର୍ଯ୍ୟନ୍ତ ମାତ୍ର ୩ ଜଣ ଶିକ୍ଷକ ଥିବାବେଳେ ୯ମ ଓ ଦଶମ ୨ଟି ଶ୍ରେଣୀରେ ୭ ଜଣ ଶିକ୍ଷକ ରହିଛନ୍ତି। ଏଠାରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ କମ୍‌ସଂଖ୍ୟକ ଶିକ୍ଷକ ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏଭଳି ସ୍ଥିତିରେ ବାସ୍ତବତା ଓ ପଠାଯାଇଥିବା ତାଲିକାରେ ତାଳମେଳ ରହୁ ନ ଥିବାରୁ ଅଧିକାଂଶ ସମୟରେ ପିଲାମାନେ ଅସୁବିଧାରେପଡୁଛନ୍ତି। ଅନେକ ବିଦ୍ୟାଳୟରେ ଶ୍ରେଣୀ ଅନୁସାରେ ଆବଶ୍ୟକ ଶିକ୍ଷକ ନ ଥିବାବେଳେ ଅଧିକ ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଫଳରେ ପିଲାମାନଙ୍କ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଅଭିଭାବକମାନେ କହିଛନ୍ତି। ଶିକ୍ଷା ବିଭାଗ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ଭୁଲ୍ ତଥ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବ୍ଲକ ଶିକ୍ଷାଧିକାରୀ ଏ ସମ୍ପର୍କରେ ଅବଗତ ନ ଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀ(ବିଇଓ)ମନୋରମା ରାଉତ କହିଛନ୍ତି, କେବେ ତାଲିକା ପଠାଯାଇଛି ତାହା ଦେଖିବାପରେ ଜଣାଇବେ ବୋଲି କହିଛନ୍ତି। ବିଇଓଙ୍କ କାର୍ଯ୍ୟାଳୟରୁ ଏହି ଚିଠି ହୋଇଥିବାବେଳେ ସେ କିପରି ଏ ବିଷୟରେ ଅବଗତ ନାହାନ୍ତି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ସନ୍ତରାରେ ସାଇ ବାବାଙ୍କ ଚଭାଡ଼ି ଯାତ୍ରା

କୁଜଙ୍ଗ,୧।୪ (ଡି.ଏନ୍.ଏ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ସନ୍ତରାସ୍ଥିତ ଶିରିଡ଼ି ସାଇ ମନ୍ଦିରରେ କଳସ ଶୋଭାଯାତ୍ରା, ମହାସ୍ନାନ, ପାରାୟଣ, ପୂର୍ଣ୍ଣାହୁତି ସହ ବାବାଙ୍କ ଚଭାଡ଼ି ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫ୍ରେଣ୍ଡସ୍ ଫର ଏଭର ଓ ସାଇ ସେବା ସମିତି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଥଣ୍ଡା ପାନୀୟଜଳ ସହ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶିବ କୁମାର ସାହୁ, ଉଷ୍ମ ରଶ୍ମି ବିଶ୍ୱାଳ, ସତ୍ୟଶଙ୍କର ଶୁଭେନ୍ଦ୍ର ନାଥ ମିଶ୍ର, ଗୌରହରି ସ୍ୱାଇଁ, ମନୋଜ ପ୍ରଧାନ, ହିରଣ୍ୟ କୁମାର ସ୍ୱାଇଁ, ଦିଲୀପ କୁମାର ଦାସ, ଭବାନୀ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଭକ୍ତମାନଙ୍କ ସେବା କରିଥିଲେ।

### ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଏରସମା,୧।୪(ସ୍ୱ.ପ୍ର.): ଏରସମା ବ୍ଲକ ମୁଖ୍ୟାଳୟର ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏକ ଅସ୍ଥାୟୀ ଗୃହରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟାଳୟକୁ ଜିଲାପାଳ ପାରୁଲ ପଟ୍ଟୱାରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଜଗତ୍‌ସିଂହପୁର ଏଡିଏମ୍(ରାଜସ୍ୱ), ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଡିଏସ୍‌ଆର ବିଜୟଲକ୍ଷ୍ମୀ ନାୟକ, ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତି, ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, ରାନୀ ଚୁଡୁ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମବାୟ ସମିତି ସଭାପତି ଦେବେନ୍ଦ୍ର ଜେନା, ସିହା ରାଜସ୍ୱ ନିରୀକ୍ଷକ ପ୍ରିୟଦର୍ଶନ ପରିଡା, ସରପଞ୍ଚ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହକୁ ଜିଲାପାଳ ପଟ୍ଟୱାରି ଉଦ୍‌ଘାଟନ କରିଥିଲେ। ଏଥିରେ ବିପିସି କାର୍ତ୍ତିକ ସ୍ୱାଇଁ, ଉଲ୍ଲାସ ସେଠୀ, ଅନିତା ସ୍ୱାଇଁ, ଜ୍ଞାନରଞ୍ଜନ ବାରିକ, ସ୍ମୃତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଉତ୍କଳ ହେଉଛି କଳା, ସଂସ୍କୃତିର ପ୍ରମୁଖ ସ୍ଥାନ

ପଟ୍ଟାମୁଣ୍ଡାଇ,୧।୪(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ମଙ୍ଗଳା ମଣ୍ଡପଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ବିକାଶ ପରିଷଦର ସଭାପତି ଗୋପୀବଲ୍ଲଭ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଉତ୍କଳ ହେଉଛି କଳା, ସଂସ୍କୃତି ଓ ବାଣିଜ୍ୟର ଏକ ପ୍ରମୁଖ ସ୍ଥାନ। ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସମ୍ପଦ ଏହାର ଅନ୍ୟତମ ବିଶେଷତ୍ୱ। ଓଡ଼ିଶାର ମନ୍ଦିରଗୁଡ଼ିକର କଳା ଭାସ୍କର୍ଯ୍ୟ, ଓଡ଼ିଶୀ ନୃତ୍ୟ, ବାନ୍ଧକଳା ସାରା ବିଶ୍ୱରେ ଓଡ଼ିଶାକୁ ଦେଇଛି ସ୍ୱତନ୍ତ୍ର ପରିଚୟ ବୋଲି କହିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପରି ଓଡ଼ିଶାର ବରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସଂଘର୍ଷ କରିଥିଲେ ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଚୌଧୁରୀ ଅମିତାଭ ଦାସ ଯୋଗଦେଇଥିଲେ ।

# ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ : ୨୩ ଯୁବକଙ୍କ ହାଇଦ୍ରାବାଦ ଗସ୍ତ



ହାଇଦ୍ରାବାଦ୍‌କୁ ପ୍ରଶିକ୍ଷଣ ପାଇଁ ଯାଉଥିବା ଯୁବକମାନେ।

## ଜେଏସ୍‌ଡବ୍ଲ୍ୟୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ

କୁଜଙ୍ଗ,୧।୪ (ଡି.ଏନ୍.ଏ.)

ଜେଏସ୍‌ଡବ୍ଲ୍ୟୁ ପ୍ରସ୍ତାବିତ ତିନି ପଞ୍ଚାୟତର ୬ ଗାଁରୁ ୨୩ ଜଣ ଯୁବକଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦିଆଯିବ। ଏନେଇ ସେମାନେ ଶନିବାର ହାଇଦ୍ରାବାଦ ଗସ୍ତ କରିଛନ୍ତି । ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଟାଇମ୍‌ସ ଏମ୍ପ୍ଲୟମେଣ୍ଟ ଇଣ୍ଡିଆ ଫାଉଣ୍ଡେଶନ ସହଭାଗିତାରେ ଏହି ଯୁବକମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ପ୍ୟାକର୍ସ ଓ ପିକର୍ସ ତାଲିମ ପ୍ରଦାନ କରାଯିବ । ଗୋଟିଏ ମାସରେ ଏହି ତାଲିମ ଶେଷ ହେବ। ଏହାପରେ ହାଇଦ୍ରାବାଦ୍‌ଠାରେ ଏହି ପ୍ରଶିକ୍ଷିତ ଯୁବକମାନଙ୍କୁ ବିଭିନ୍ନ କମ୍ପାନୀରେ ନିୟୋଜିତ କରାଯିବା ସହ ମାସିକ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ କରାଯିବ। ଏହି ଯୁବକମାନଙ୍କୁ ହାଇଦ୍ରାବାଦ ନେବା ପାଇଁ ସମ୍ପୃକ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ପକ୍ଷରୁ ବ୍ୟବସ୍ଥା କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।



ପାରାଦୀପ ଇଫ୍‌କୋ କାରଖାନା ପଛ ମହାନଦୀର ନଦୀ ଭିତ୍ତିକ ବନ୍ଦର ବର୍ଥରେ ବାର୍ଜ ଯୋଗେ ପଣ୍ୟ କାରବାର ହେଉଛି।

# ପୁସ୍ତକ ପଠନ ସମାଜରେ ପରିବର୍ତ୍ତନ ଆଣିଥାଏ

ଡେରାବିଶ,୧।୪(ସ୍ୱ.ପ୍ର.)

ଦେବତା ସଦୃଶ ପୁସ୍ତକ ପଠନ ସମାଜରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ ବୋଲି ବିଶିଷ୍ଟ ବୈଜ୍ଞାନିକ ଡ.ପ୍ରହ୍ଲାଦ ନାୟକ ମତବ୍ୟକ୍ତ କରିଛନ୍ତି । ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ, ପାଠକ ସମ୍ମିଳନୀ ଓ ସାମାଜିକ କର୍ମୀ ଇଂ. ବାନାମ୍ବର ଦାସଙ୍କ ଦଶମ ଶ୍ରାଦ୍ଧବାର୍ଷିକ ଅବସରରେ ଆୟୋଜିତ ସଭାରେ ନାୟକ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଛନ୍ତି । ପାଠାଗାରର ସଭାପତି ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଡ. ନାୟକ ପୁସ୍ତକ ପଠନ ଦ୍ୱାରା ମଣିଷ ମନରେ ଶାନ୍ତି ଦେଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ହଳଧର ଦାଶ ଯୋଗଦେଇ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଥିବା ଭାଗବତ ଟୁଙ୍ଗିରେ ଶ୍ରୀମଦ୍ ଭାଗବତ ପଠନ ପୂର୍ବରୁ ପ୍ରଥମେ ଏହି ଗ୍ରନ୍ଥକୁ ମୁଣ୍ଡିଆମାରି ପଠନ କରାଯାଏ । ପ୍ରତ୍ୟେକ ଓଡ଼ିଆ ଘରର ଗୃହିଣୀମାନେ ଗୁରୁବାର ଓଷା ସମୟରେ ଲକ୍ଷ୍ମୀପୁରାଣ ପଠନ ପୂର୍ବରୁ ପୁରାଣ ବହିକୁ ପ୍ରଥମେ ମୁଣ୍ଡିଆ ମାରିଥାନ୍ତି ବୋଲି କହିଥିଲେ । ପୁସ୍ତକ ପ୍ରତ୍ୟେକ ମଣିଷ ଭିତରେ ମଣିଷ ପଣିଆ ସୃଷ୍ଟି କରିବାରେ ପ୍ରେରଣା ଯୋଗାଇଥାଏ । ପାଠାଗାର ମାଧ୍ୟମରେ ଡେରାବିଶ ଅଞ୍ଚଳରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଥିବା ସେ କହିଥିଲେ । ସମ୍ମାନିତ ଅତିଥିଭାବେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ଇଞ୍ଜିନିୟର ବାନାମ୍ବର ଦାଶଙ୍କ ଉଦ୍ୟମରେ ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବହୁବିଧ ଉନ୍ନତି ହୋଇଥିବା ବିଷୟରେ ମତବ୍ୟକ୍ତ କରିବା ସହ ଡେରାବିଶ ଅଞ୍ଚଳରେ ସ୍ୱର୍ଗତ ଦାସଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାଟିର ଗର୍ବ ଓ ଗୌରବ ବୋଲି ସାହୁ କହିଥିଲେ । ଅଧ୍ୟାପକ ପ୍ରଭାକର ସାମଲ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥିଭାବେ ଯୋଗଦେଇ ପାଠାଗାର ଆନ୍ଦୋଳନକୁ ଡେରାବିଶ ଅଞ୍ଚଳରେ ପ୍ରତିଷ୍ଠା କରିବାରେ ସ୍ୱର୍ଗତ ଦାସଙ୍କ ଉଦ୍ୟମ ବାସ୍ତବରେ ଅବିସ୍ମରଣୀୟ ବୋଲି ଉଲ୍ଲେଖ କରିଥିଲେ । ଚଳିତ ବର୍ଷର ବିଶିଷ୍ଟ ପାଠକ ଭାବେ ବିଷ୍ଣୁ ଚରଣ ମହାନ୍ତି ଓ ରଜନୀକାନ୍ତ ମହାନ୍ତିଙ୍କୁ ପାଠାଗାର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପାଠାଗାରର ଉପଦେଷ୍ଟା ଇଂ.ଭକ୍ତକବି ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ୟାସକବି ଦାସ ସମ୍ପାଦକୀୟ ବିବରଣୀ, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଅତିଥି ପରିଚୟ ଓ ପ୍ରମୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିରୋଧୀଙ୍କ କଣ୍ଠରୋଧ ପାଇଁ ଷଡ଼ଯନ୍ତ୍ର ଚାଲିଛି

ଜଗତ୍‌ସିଂହପୁର ଅଫିସ, ୧।୪

ଭାରତରେ ଏବେ ଗଣତନ୍ତ୍ର ବିପଦରେ। ସମ୍ବିଧାନ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ସଙ୍କୁଚିତ କରିଦିଆଯାଉଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଏଆଇସିସି ପୂର୍ବତନ ଅଧ୍ୟକ୍ଷ ତଥା ୪ଥର ଏମ୍‌ପି ହୋଇଥିବା ରାହୁଲ ଗାନ୍ଧୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ୨୦୧୯ରେ ମୋଦି ସାଙ୍ଗିଆଧାରୀ କେତେଜଣ ଦେଶର କୋଟି କୋଟି ଟଙ୍କାର ସମ୍ପତ୍ତିକୁ ଲୁଟ୍‌କରି ବିଦେଶରେ ଆତ୍ମଗୋପନ କରିଥିବା କଥା ରାହୁଲ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଦାନୀଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ କରିଥିଲେ। ଆଦାନୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ଦେଶଦ୍ରୋହୀ କୁହାଯାଉଛି। ବିରୋଧୀଙ୍କ କଣ୍ଠରୋଧ ପାଇଁ ଭାଜପା ପକ୍ଷରୁ ଷଡ଼ଯନ୍ତ୍ର ଚାଲିଛି। ଏ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବ। ଜଗତ୍‌ସିଂହପୁର ସହରର ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ଏହା କହିଛନ୍ତି। ସେ ଏ କଥା ମଧ୍ୟ କହିଥିଲେ, ଆଦାନୀ କମ୍ପାନୀ ପରିଚାଳିତ ସେଲ୍ ଦ୍ୱାରା ୨୩ ହଜାର କୋଟି ପୁଞ୍ଜି ବିନିଯୋଗ ଉପରେ ରାହୁଲ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତର ଦେବା ମୋଦି ସରକାର ପାଇଁ କଷ୍ଟକର ଥିବାରୁ ରାହୁଲଙ୍କ ସଭ୍ୟପଦ ରଦ୍ଦ ପାଇଁ ହୀନ ଚକ୍ରାନ୍ତ କରାଯାଇଥିଲା। ତେଣୁ ମୋଦି ସରକାରର ଏହି ଅଗଣତାନ୍ତ୍ରିକ କାର୍ଯ୍ୟ ପ୍ରତିବାଦରେ ଜୟ ଭାରତ ବ୍ୟାନର ତଳେ କଂଗ୍ରେସ ଲୋକଙ୍କୁ ଗଣତନ୍ତ୍ର ବିରୋଧୀ ସରକାର ବିଷୟରେ ସବୁକିଛି ଜଣାଇବ। ବିଶେଷକରି ସାମ୍ପ୍ରତିକ ସ୍ଥିତି, ଅର୍ଥନୈତିକ ସ୍ଥିତି ଦୁର୍ବଳ ପ୍ରସଙ୍ଗରେ ଦଳ ଏପ୍ରିଲ ୩ରୁ ୮ ମଧ୍ୟରେ ପ୍ରତ୍ୟେକ ଜିଲା ସମେତ ବ୍ଲକ ଓ ପଞ୍ଚାୟତରେ ବ୍ୟାପକ ସଚେତନ କରିବ। ଏପ୍ରିଲ ୨୦ରୁ ୩୦ ଭିତରେ ଓଡ଼ିଶାର ୧ ଲକ୍ଷରୁ ଅଧିକ ସ୍ଥାନରେ ସମାଗମ ହେବ। ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ। ସେହିପରି କେନ୍ଦ୍ରରୁ ରାହୁଲ, ପ୍ରିୟଙ୍କାଙ୍କ ସମେତ ପୂର୍ବତନ, ବର୍ତ୍ତମାନର ଦଳୀୟ ସଭାପତି ଓ ବରିଷ୍ଠ ନେତାମାନେ ନିର୍ବାଚନ ପୂର୍ବରୁ ଏହି ପ୍ରସଙ୍ଗକୁ ଇସ୍ୟୁ କରିବେ ବୋଲି ମହାନ୍ତି କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଏମ୍‌ପି ପ୍ରାର୍ଥିନୀ ପ୍ରତିମା ମଲ୍ଲିକ, ପ୍ରଦେଶ କଂଗ୍ରେସ ସମ୍ପାଦକ ଇଂ. ନଳିନୀ କୁମାର ସ୍ୱାଇଁ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଜଗତ୍‌ସିଂହପୁର ନଗର ମହିଳା କଂଗ୍ରେସ ସଭାନେତ୍ରୀ ମାନସୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମହାପୁରୁଷଙ୍କ ତ୍ୟାଗ, ଉଦ୍ୟମ ଯୋଗୁ ସମ୍ଭବ

## ଶିଶୁ ମନ୍ଦିରରେ ଓଡ଼ିଶା ଦିବସ ପାଳିତ

କୁଜଙ୍ଗ,୧।୪ (ଡି.ଏନ୍.ଏ.)

କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୮୮ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶିଶୁମନ୍ଦିରର ଗୁରୁମା' ତିଳୋତ୍ତମା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସମ୍ମାନିତ ଅତିଥିଭାବେ ଖବରଦାତା ହରିଗୁରୁ ଦାସ, ମୁଖ୍ୟ ବକ୍ତାଭାବେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ଯୋଗଦେଇ ଉତ୍କଳ କଳାର ଚିରସ୍ମରଣୀୟ ଐତିହ୍ୟ ଓ ଗୌରବମୟ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ମହାପୁରୁଷଙ୍କ ତ୍ୟାଗ ଓ ନିରଳସ ପ୍ରଚେଷ୍ଟା ଯୋଗୁ ଭାଷାଭିତ୍ତିରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ମିଳିବା ସମ୍ଭବ ହୋଇଛି। ଏହା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ଆଇନଜୀବୀ କରୁଣାକର ସାହୁ, ଆଇନଜୀବୀ ହୃଷୀକେଶ ନନ୍ଦ, ପରିଚାଳନା କମିଟି ଉପସଭାପତି ଅଭୟ କୁମାର ମହାରଣା, ଯୁଗ୍ମସମ୍ପାଦକ ଶରତ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାକୁ ବଞ୍ଚାଇବା ଓ ଏହାର ବିକାଶ କରିବାକୁ ପୂର୍ବସୁରିମାନଙ୍କର ତ୍ୟାଗ ଓ ସେବା ପଥରେ ଯାତ୍ରାକରି ସେମାନଙ୍କ ଉପଯୁକ୍ତ ଦାୟାଦଭାବେ ଓଡ଼ିଶା ବିକାଶର ଉତ୍କର୍ଷତାକୁ ପ୍ରତିଷ୍ଠା କରିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁଜୀ ବିଜୟ କୁମାର ବେହେରା, ବିପିନ କୁମାର ପତି, ବଭ୍ରୁବାହନ ସ୍ୱାଇଁ, ଉଦୟଭାନୁ ମହାପାତ୍ର, ସଞ୍ଜୟ କୁମାର ଦାସ, କେଳୁ ଚରଣ ସାହୁ, ସୁଚିତ୍ରା ଜେନା ପ୍ରମୁଖ ଯୋଗଦେଇଥିଲେ।




ଓଡ଼ିଶା ଦିବସ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ଚିରଞ୍ଜୀବ, ଅରିନ୍ଦମ, ଲଲାଟେନ୍ଦୁ ଅନୁପସ୍ଥିତ : କର୍ମୀ ଅସନ୍ତୁଷ୍ଟ

## ଜିଲା କଂଗ୍ରେସର ପରିବର୍ଦ୍ଧିତ କମିଟି ବୈଠକ

■ ସାଙ୍ଗଠନିକ କାର୍ଯ୍ୟ କ୍ରିୟାଶୀଳ କରିବାକୁ ଗୁରୁତ୍ୱାରୋପ

ଜଗତ୍‌ସିଂହପୁର ଅଫିସ, ୧।୪

ଜଗତ୍‌ସିଂହପୁର ଜିଲା କଂଗ୍ରେସ ପରିବର୍ଦ୍ଧିତ କମିଟି ବୈଠକ ସ୍ଥାନୀୟ ଏକ ମଣ୍ଡପ ପରିସରରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ଦଳର ଆଗାମୀ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଜିଲାର କଂଗ୍ରେସ ମଙ୍ଗୁଆଳ କୁହାଯାଉଥିବା ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ (ବାପି)ଙ୍କ ସମେତ ପାରାଦୀପ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି) ଓ ବାଲିକୁଦା-ଏରସମା ନେତା ଲଲାଟେନ୍ଦୁ ମହାପାତ୍ର (ଜିତୁ)ଙ୍କ ଅନୁପସ୍ଥିତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଜିଲା ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ବ୍ଲକସ୍ତରୀୟ ନେତାଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଆରମ୍ଭରୁ ଉପରୋକ୍ତ ନେତାଙ୍କ ଅନୁପସ୍ଥିତିକୁ ନେଇ ଚାପା ଅସନ୍ତୋଷ ପ୍ରକାଶ ପାଇଥିଲା। କାରଣ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଥିଲା। ଗତ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଚିରଞ୍ଜୀବ ପ୍ରାର୍ଥୀ ହୋଇ ହାରିଲା ପରେ ତୃଣମୂଳସ୍ତରର ଦଳୀୟ କର୍ମୀଙ୍କଠାରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଏପରି କି ଦଳର ଅନ୍ୟ ଆଗଧାଡ଼ିର ନେତାଙ୍କଠାରୁ ମଧ୍ୟ ଦୂରତ୍ୱ ଅବଲମ୍ବନ କରୁଥିବା କେତେଜଣ ନେତା ନାମ ଗୋପନ ରଖି କହିଛନ୍ତି। ଏହାସତ୍ତ୍ୱେ ଚିରଞ୍ଜୀବଙ୍କ ପ୍ରତି ଦଳୀୟ ନେତା ଓ କର୍ମୀଙ୍କ ଆସ୍ଥା ତୁଟିନି। କିନ୍ତୁ ସେ ଅଧିକାଂଶ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ନେଇ ତାଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିଫଳନ ଏହି ବୈଠକରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ବିରୋଧରେ ଯେଉଁସବୁ ଷଡ଼ଯନ୍ତ୍ର ଚାଲିଛି ତା'ର ଦୃଢ଼ ପ୍ରତିବାଦ କରାଯିବ। ଏହି ପ୍ରସଙ୍ଗ ସହ ନିର୍ବାଚନ ନେଇ ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ପଡ଼ିବ। କିନ୍ତୁ ଯେଉଁମାନେ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଅଛନ୍ତି ଅର୍ଥାତ୍ ବିଧାୟକ ପ୍ରାର୍ଥୀ ହୋଇଥିଲେ ସେମାନେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ଦଳୀୟ କର୍ମୀଙ୍କ ମନୋବଳ ଦୁର୍ବଳ କରୁଛି। ଆଗାମୀ ଦିନରେ ସେମାନେ ସକ୍ରିୟ ଭାଗ ନେବେ ବୋଲି ଆଶା କରାଯାଉଛି। ଦଳ ଜିଲା ଉପସଭାପତି ତଥା ପାରାଦୀପର ନେତା କେଦାର ଜେନା, ବାଲିକୁଦା କଂଗ୍ରେସ ସଭାପତି ବିକ୍ରମ ପରିଡ଼ା, ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି ପ୍ରମୁଖ କହିଥିଲେ, ସଙ୍ଗଠନକୁ ସୁଦୃଢ଼ କରିବା ବିଧାୟକ ପ୍ରାର୍ଥୀମାନଙ୍କର ଦାୟିତ୍ୱ। ପରିବର୍ଦ୍ଧିତ କମିଟି ବୈଠକରେ ନିର୍ବାଚନମଣ୍ଡଳୀର ନେତାମାନେ ଯୋଗଦେବା ନିହାତି ଦରକାର ଥିଲା। କିନ୍ତୁ ସେମାନେ ଆସିନାହାନ୍ତି ତା'ମାନେ ନୁହେଁ ଦଳୀୟ କାର୍ଯ୍ୟ ଅଟକିଯିବ। ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାମାନେ ସଙ୍ଗଠନ ପ୍ରତି ସମୟ ନ ଦେବା ଆଦୌ ଗ୍ରହଣୀୟ ନୁହେଁ। କର୍ମୀ ଚାହିଁଲେ କେତେ ନେତା କରିପାରିବେ। ଆଉ କର୍ମୀ ମଧ୍ୟ ନେତା ବଦଳାଇ ଦେଇପାରନ୍ତି । ତେଣୁ ଯେଉଁମାନେ ନେତା ହୋଇଛନ୍ତି ସେମାନେ କର୍ମୀଙ୍କଠାରୁ ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ସେ କହିଛନ୍ତି। ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାଚନରେ ଦଳୀୟ ଅନ୍ୟ ନେତା ଓ କର୍ମୀମାନେ ବହୁ କଷ୍ଟକରି ଅର୍ଚ୍ଚନା ସିଂହଙ୍କୁ ପୌରାଧ୍ୟକ୍ଷା କରିଛନ୍ତି। ଏବେ ଲୋକମାନଙ୍କ ସମସ୍ତ ଦାୟିତ୍ୱ ଅର୍ଚ୍ଚନାଙ୍କ ଉପରେ ନ୍ୟସ୍ତ ରହିଛି । ମୋଟାମୋଟି ଭାବେ ବିଶ୍ୱାଳ, ସର୍ଖେଲ ଓ ମହାପାତ୍ରଙ୍କ ଅନୁପସ୍ଥିତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଦଳର ଜିଲା ସଭାପତି ବାରିକ ତାଳି ପକାଇବାକୁ ଚେଷ୍ଟା କରିଥିଲେ। ସେ କହିଥିଲେ, ଚିରଞ୍ଜୀବଙ୍କ ଆଖି ଖରାପ ଯୋଗୁ ସେ ଆସିପାରି ନ ଥିଲେ। ଏଆଇସିସିର ଏକ ଦଳ ସହ ମହାପାତ୍ର ଭୁବନେଶ୍ୱରରେ ଥିବାରୁ ଅନୁପସ୍ଥିତ ଥିଲେ। କିନ୍ତୁ ସେମାନଙ୍କ ପରାମର୍ଶକ୍ରମେ କାର୍ଯ୍ୟକ୍ରମ ଚାଲିଛି। ସର୍ଖେଲ ଆସିବେ ବୋଲି କହିଥିଲେ ସୁଦ୍ଧା କୌଣସି କାରଣରୁ ପହଞ୍ଚିପାରି ନ ଥିଲେ। କିନ୍ତୁ ସାଙ୍ଗଠନିକ କାର୍ଯ୍ୟକୁ ତୃଣମୂଳସ୍ତରରୁ କ୍ରିୟାଶୀଳ କରିବାକୁ ହେଲେ ପ୍ରତ୍ୟେକଙ୍କ ସହଯୋଗ ଦରକାର ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟ ପ୍ରସଙ୍ଗ ଯଥା ଏପ୍ରିଲ ୧୦ ସୁଦ୍ଧା ବ୍ଲକ ଓ ସହରାଞ୍ଚଳସ୍ତରରେ ବୁଥ୍ ଓ ପଞ୍ଚାୟତ କମିଟି ଗଠନ କରାଯିବା ଉପରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଳର ଏମ୍‌ପି ପ୍ରାର୍ଥିନୀ ପ୍ରତିମା ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ଜିଲା ଯୁବ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ ମଲ୍ଲିକ, ଜଗତ୍‌ସିଂହପୁର ପୌର ପରିଷଦ ମହିଳା କଂଗ୍ରେସ ସଭାନେତ୍ରୀ ମାନସୀ ନନ୍ଦ, ପିସିସି ସମ୍ପାଦକ ଇଂ. ନଳିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–

आमंत्रित निविदा रद्द संबंधी सूचना

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 194/2022-23/RWD/CHATRA, दिनांक– 21.12.2022, PR NO.- 285723 द्वारा प्रकाशित निविदा में आईडेन्टीफिकेशन संख्या– RWD /CHATRA /08 /2022-23 एवं RWD/CHATRA/09/2022-23 की निविदा को अपरिहार्य कारणवश रद्द किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–

आमंत्रित निविदा रद्द संबंधी सूचना

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 79/RI/2022-23/RWD/DHANBAD, दिनांक 12.01.2023, PR NO.-287503 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/10/2022-23 की निविदा को अपरिहार्य कारणवश रद्द किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची

पत्रांक– दिनांक–

आमंत्रित निविदा रद्द संबंधी सूचना

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 223/2022-23/RWD/DHANBAD, दिनांक 06.01.2023, PR NO.- 286 901 द्वारा प्रकाशित निविदा में आईडेन्टीफिकेशन संख्या– RWD/ DHANBAD/24/2022-23 एवं RWD/ DHANBAD /25/ 2022 -23 की निविदा को अपरिहार्य कारणवश रद्द किया जाता है।

नोडल पदाधिकारी
ई–प्रोक्युर्मन्ट सेल

PR 294238 Rural Work Department(23-24).D

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୪(ଡି.ଏନ.ଏ.) :** ହତ୍ୟା ଉଦ୍ୟମ ମାଲଲାରେ ଦିଗପହଣ୍ଡି ପୋଲିସ ଶନିବାର ଛଣମେରି ଗ୍ରାମର ବବି ରାଉଳଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତାଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଗତ ସୋମବାର ଡେଙ୍ଗାଓସ୍ତା ଗ୍ରାମ ବଜାର ଉପରେ ଘରଭଡ଼ାକୁ କେନ୍ଦ୍ର କରି ମୁନା ରାଉଳ ଏବଂ ସ୍ତ୍ରୀ ବାସନ୍ତୀ ରାଉଳଙ୍କୁ ବବି ଏବଂ ତାଙ୍କ ସମ୍ପର୍କୀୟ ଆକ୍ରମଣ କରିଥିଲେ। ସେମାନଙ୍କ ସଂଘବଦ୍ଧ ଆକ୍ରମଣରେ ଦମ୍ପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁନାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ବାସନ୍ତୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୪:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ପୋଲିସ କୁମେଲସିଂ ଗାଁରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପ୍ରବେଶ ଦିଗାଲଙ୍କୁ ଗିରଫ କରାଯାଇଛି। ଘରୁ ଗଞ୍ଜେଇ ଚାଲାଣ ପ୍ରସ୍ତୁତ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ନଂ.୫୩/୨୩ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରିତ କୁମାର ମୁନି ସୂଚନା ଦେଇଛନ୍ତି।

### ୩ ଦୁର୍ଘଟଣାରେ ୫ ଆହତ

**ଭଞ୍ଜନଗର,୧୪(ଡି.ଏନ୍.ଏ.):** ଭଞ୍ଜନଗର ଅଞ୍ଚଳରେ ଶନିବାର ପୃଥକ୍ ୩ଟି ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ଭଞ୍ଜନଗର ଫୁଲବାଣୀ ମୁଖ୍ୟରାସ୍ତାର ସୋରାଦେବୀ ମନ୍ଦିର ନିକଟରେ ଏକ କାର ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିବାରୁ ଖୋର୍ଦ୍ଧା ଅଞ୍ଚଳର ଜଗବନ୍ଧୁ ବରାଡ଼ ଆହତ ହୋଇଛନ୍ତି। ସେ ଫୁଲବାଣୀରୁ ଜଟଣୀ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ପୋଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଗାଲେରୀ ଫାଣ୍ଡି ଜଡ଼ାଘାଟୁଣୀ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟି କଳିଙ୍ଗପଦର ଅଞ୍ଚଳର କୁନା ନାଇକ, ହରିଗଡ଼ ଗ୍ରାମର ପ୍ରତାପ ନାଇକ ଓ ଲକ୍ଷ୍ମୀକାନ୍ତ ନାଇକ ଆହତ ହୋଇଛନ୍ତି। ଏଥିସହିତ ରାଜକୁଣ୍ଡ ନିକଟରେ ଆଉ ଏକ ବାଇକ୍ ଦୁର୍ଘଟଣାରେ ଲାଲସିଂପଲ୍ଲୀର ରବି ନାୟକ ଆହତ ହୋଇଛନ୍ତି।

### ପଥପ୍ରାନ୍ତ ସ୍ୱତନ୍ତ୍ର ଟୀକାକରଣ ସଚେତନତା

**ଖଣ୍ଡପଡ଼ା,୧୪(ସ୍ୱ.ପ୍ର.):** ଗର୍ଭବତୀ ମହିଳା ଓ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କେତେବେଳେ ତଥା କେତେମାସ ବ୍ୟବଧାନରେ ଟୀକାକରଣ କରାଯିବ ଏବଂ ପିଲାମାନଙ୍କୁ ମା'କ୍ଷୀର ପ୍ରଦାନ ସଂପର୍କୀତ ଏକ ପଥପ୍ରାନ୍ତ ସ୍ୱତନ୍ତ୍ର ଟୀକାରଣ ସଚେତନତା କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ କଣ୍ଟିଲୋ ତାରେଣୀ ଛକରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ଏବଂ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ନୂପୁର ନାଟ୍ୟ ସଂସ୍ଥାର କଳାକାରମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ସଚେତନତା ସୃଷ୍ଟି କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

**ଖଣ୍ଡପଡା,୧୪(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ ବଡବାଣପୁର ଗ୍ରାମରେ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ୧୪ତମ ବାର୍ଷିକ ଉତ୍ସବ ଉପଲକ୍ଷେ ମନ୍ଦିର ପରିସରରେ ଶନିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବାଦି ପାଲା ପରିବେଷଣ କରାଯାଇଥିଲା। ବାଣପୁର ତଥା ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ।

### ବ୍ରହ୍ମପୁର ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ

**ବ୍ରହ୍ମପୁର ଅଫିସ,୧୪:** ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ ଶନିବାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମକଣ୍ଠ ପରମ୍ଯୋକ ଜମି ପଟା ବଣ୍ଟନ କରାଯାଇଛି। ଏଥିରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ପ୍ରମୁଖ ଯୋଗ ଦେଇଥିଲେ।

## ଦଶପଲ୍ଲା ଲଙ୍କାପୋଡ଼ି ଉତ୍ସବ
# ଶିବଧନୁଭଗ୍ନ, ସୀତା ବିବାହ ଦେଖିଲେ ଦର୍ଶକ

ଦଶପଲ୍ଲା, ୧୪ (ଡି.ଏନ.ଏ.)


ଶିବଧନୁ ଭଗ୍ନର ଏକ ଦୃଶ୍ୟ।

ମହାବୀର କ୍ଷେତ୍ର ଦଶପଲ୍ଲାର ଶ୍ରୀରଘୁନାଥ ଜୀଉ ଏବଂ ମହାଦେବ ଦେବଙ୍କ ମନ୍ଦିର ସମ୍ମୁଖରେ ଚାଲିଥିବା ପ୍ରସିଦ୍ଧ ଲଙ୍କା ପୋଡ଼ି ଯାତ୍ରାର ଶନିବାର ତୃତୀୟ ଦିବସରରେ ଜାଗରକ୍ଷା, ଶିବଧନୁ ଭଗ୍ନ ତଥା ସୀତା ବିବାହ ମଞ୍ଚସ୍ଥ ହୋଇଥିଲା। ପୂର୍ବାହ୍ନରେ ମନ୍ଦିର ପରିସରରେ ପୂଜାବିଧି ଅନୁଷ୍ଠିତ ହେବା ସହ ରାତିରେ ମନ୍ଦିର ପ୍ରାଙ୍ଗଣରେ ଖୋଲାମଞ୍ଚରେ ଜାଗରକ୍ଷା ଓ ଶିବଧନୁଭଗ୍ନ କଳାକାରମାନଙ୍କ ଦ୍ୱାରା ଏହି ନାଟକ ମଞ୍ଚସ୍ଥ ହୋଇଥିଲା । ପ୍ରଥମେ ସିଦ୍ଧବନରେ ଋଷିମାନଙ୍କ ଜାଗରକ୍ଷା ଓ ସେଠାରେ ତାଡ଼କି ଅସୁରୀ ଓ ତାଙ୍କ ଦୁଇପୁତ୍ର ସୁବାହୁ ଓ ମାରିଚ ଅତ୍ୟାଚାର ଲାଗି ରହିଥିଲା। ସେତିକି ବେଳେ ଶୂନ୍ୟବାଣୀ ହୁଏ ଯେ ଦଶରଥ ନନ୍ଦନ ଶ୍ରୀରାମ ଓ ଲକ୍ଷ୍ମଣ ଅସୁରମାନଙ୍କୁ ନିଧନ କରିବେ। ମହର୍ଷି ବିଶାମିତ୍ର ଅଯୋଧ୍ୟା ଗମନ କରି ରାଜା ଦଶରଥଙ୍କୁ ସବୁକଥା କହି ଶ୍ରୀରାମ ଲକ୍ଷ୍ମଣଙ୍କୁ ଆଣି ସିଦ୍ଧବନରେ ତାଡ଼କୀ ଓ ସୁବାହୁକୁ ବଧ କରିଥିଲେ । ଏହାପରେ ସେଠାରେ ଋଷିମାନଙ୍କ ଯଜ୍ଞକର୍ମ ସମାପନ ହୋଇଥିଲା। ସେହିଠାରେ ହିଁ ବିଶ୍ୱାମିତ୍ର ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବିଭିନ୍ନ ଦିବ୍ୟାସ୍ତ୍ର ପ୍ରଦାନ କରନ୍ତି। ସେହି ସମୟରେ ଜନକ ଆପଣାର ପୁତ୍ରୀ ସୀତାଙ୍କ ନିମନ୍ତେ ସ୍ୱୟମ୍ବରର ଆୟୋଜନ କରିଥିବା ଜାଣି ବିଶାମିତ୍ର ଶ୍ରୀରାମ ଲକ୍ଷ୍ମଣଙ୍କୁ ନେଇ ଜନକପୁରୀ ମିଥିଳା ଯାତ୍ରା କରିଥିଲେ। ବାଟରେ ପାଷାଣ ଅହଲ୍ୟା ଉଦ୍ଧାର କରି ଗଙ୍ଗାପାର ହୋଇ ମିଥିଳା ଯାଇଥିଲେ। ସେଠାରେ ଶିବଧନୁ ଭଗ୍ନ କରିବା ପରେ ସୀତା ଶ୍ରୀରାମଙ୍କୁ ବରଣ କରିଥିଲେ। ଏ ସଂକ୍ରାନ୍ତରେ ଖବର ପାଇବା ପରେ ଦଶରଥଙ୍କ ସଦଳବଳେ ଅନ୍ୟ ପୁତ୍ରମାନଙ୍କୁ ନେଇ ମିଥିଳା ଗମନ କରିଥିଲେ । ମୁନୀ ଋଷିଙ୍କ ଉପଦେଶ ଅନୁଯାୟୀ ଶ୍ରୀରାମ ସୀତା, ଭରତ ମାଳେଣୀ, ଲକ୍ଷ୍ମଣ ଉର୍ମିଳା ଓ ଶତ୍ରୁଘ୍ନ ସୁର୍ଜିତୀଙ୍କ ସହିତ ବିବାହ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଭୀଷଣ ବର୍ଷା ଯୋଗୁ ନାଟକ ମଞ୍ଚସ୍ଥ ହୋଇ ପାରି ନ ଥିଲା । ଶନିବାର ନାଟକର ବିଭିନ୍ନ ଦୃଶ୍ୟକୁ ଲୋକମାନେ ଉପଭୋଗ କରିଥିଲେ।

# ଜିଲ୍ଲା ପ୍ରତିଷ୍ଠା ଦିବସ ମଞ୍ଚରେ ଓଡ଼ିଶା ଦିବସ


କଳାକାରମାନେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

ନୟାଗଡ଼ ଅଫିସ,୧୪

ଜିଲାସଦର ମହକୁମାର ଖେଳପଡ଼ିଆରେ ଜିଲା ପ୍ରତିଷ୍ଠାଦିବସ ଶନିବାର ଉଦ୍ଘାଟିତ ହୋଇଛି । ତେବେ ଉଦ୍ଘାଟନ ଦିବସରେ ମଞ୍ଚରେ ନୟାଗଡ଼ ଜିଲାସ୍ତରୀୟ ଓଡିଶା ଦିବସ ପାଳନ ହୋଇଛି । ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଉଦ୍ଘାଟନ କରିଥିଲେ। ନୟାଗଡ଼ ବିଧାୟକ ଅରୁଣ ସାହୁ ମୁଖ୍ୟବକ୍ତାରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ଓ ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ନିରୁପମା ଖଟେଇ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଜିଲାର ଶ୍ରେଷ୍ଠ ଶିକ୍ଷକ ଭାବେ ଦଶପଲ୍ଲା ଘୋଳାହାଣ୍ଡି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବେଲରସେନ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ତାଙ୍କୁ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି । ଅନ୍ୟପକ୍ଷେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ ସଂଯୋଜନା କରିଥିଲେ।


ନୟାଗଡ଼ ତହସିଲଦାର ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

### ନୟାଗଡ଼ ବନ୍ଦନାରେ ଦର୍ଶକ ବିମୁଗ୍ଧ

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ପକ୍ଷର ନୟାଗଡ ବନ୍ଦନା ଆବୃତ୍ତି କରାଯାଇଥିଲା। ଏଥିରେ କଳାକାରମାନେ ଜିଲାର କଳା,ସଂସ୍କୃତି ଲୋକଲୋଚନକୁ ଆଣିଥିଲେ । ଅନ୍ୟପକ୍ଷେ ରକ୍ଷ୍ଟାର ଗ୍ରୁପ ପକ୍ଷରୁ ସ୍ୱଚ୍ଛ ନୟାଗଡରେ ଆବର୍ଜନା ସଂଗ୍ରହର ଝଲକ ଦେଖିବାକୁ ମିଳିଥିଲା। ନୟାଗଡରୁ ଭୋରସମୟରେ କିପରି ସଙ୍ଗୀତ ଦ୍ୱାରା ଲୋକମାନଙ୍କୁଉଠାଇ ଘରର ଆବର୍ଜନା ସଫେଇ କରାଯାଉଛି କଳାକାରମାନେ ପ୍ରଦର୍ଶନ କରିଥିଲେ । ଖଣ୍ଡପଡା ତହସିଲଦାର ଲିପସା ରାୟଙ୍କ ଓଡିଶୀ ନୃତ୍ୟ ମଧ ବେଶ ଉପଭୋଗ୍ୟ ଥିଲା । ସେହିଭଳି ଓରମାସ କର୍ମଚାରୀ ସୃଷ୍ଟି ସିଂଙ୍କ କଥକ ନୃତ୍ୟ ଅନ୍ୟତମ ଆକର୍ଷଣ ଥିଲା । ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଓଡ଼ିଶା ମୋ ଓଡିଶା, ଚକ୍ ଦେ ଇଣ୍ଡିଆ ଅନୁରୂପ ଭାବେ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ଶରତ ଆଚାର୍ଯ୍ୟ, ଜୟେନ୍ଦ୍ର ବେହେରା ଓ ସ୍ମିତା ପଟ୍ଟନାୟକ ଆଙ୍କରିଂ କରିଥିଲେ ।

# ଭିନ୍ନକ୍ଷମ ଭତ୍ତାରେ ପରିବାରର ମେଣ୍ଟୁନି ଭୋକ

ନୟାଗଡ଼ ଅଫିସ,୧୪

**ଦୁର୍ଘଟଣା ପରେ ବଦଳିଗଲା ଚିତ୍ର**
■ଝିଅକୁ ପାଠପଢ଼ାଇବା କଷ୍ଟକର

ଦୁର୍ଘଟଣା ପରେ ବଦଳି ଗଲା ପରିବାରର ଚିତ୍ର। ଅନ୍ୟକୁ ସହାୟତାର ହାତ ବଢ଼ାଉଥିବା ଯୁବକ ଏବେ ଅନ୍ୟ ଉପରେ ନିର୍ଭର ହେବାକୁ ପଡୁଛି । ୭୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ଓ ରାଶନ କାର୍ଡରେ ୧୫ କେଜି ଚାଉଳରେ ପରିବାର ଚଳାଇବା କାଠିକର ପାଠ ହୋଇ ପଡୁଛି । ଏଥିରେ ପୁଣି ଝିଅକୁ ପାଠ ପଢ଼ାଇବା ବୋଝ ଉପରେ ନଳିତା ବିଡା ମାଡିବସିଛି । ଏଭଳିଆ ଦୁଃଖଭରା ଘଟଣା ନୟାଗଡ଼ ଜିଲା ନୟାଗଡ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ଗମେଇ ଗାଁର ଲୋକନାଥ ମହାପାତ୍ରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ।

ନୟାଗଡ଼ ସହରର ଖଣ୍ଡପଡ଼ା ରୋଡରେ ଏକ ଦୋକାନ କରି ଗମେଇ ଗାଁର ଲୋକନାଥ ମହାପାତ୍ର ନିଜର ପରିବାର ଖୁସରେ ଚଳାଉଥିଲେ । ଝିଅ ଦ୍ୱିତି ମଧୁଲିକାଙ୍କୁ ନୟାଗଡ଼ର ଏକ ବେସରକାରୀ ସ୍କୁଲରେ ପାଠ ପଢ଼ାଉଥିଲେ । ତେବେ ୨୦୧୧ଡିସେମ୍ବରରେ ସେ ଏକ ସଡକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହୋଇଥିଲେ । ଯାହାକିଛି ରୋଜଗାର କରି ସଞ୍ଚୟ କରିଥିଲେ ଓ ଧାର କରଜ କରି ଚିକିତ୍ସା କରାଗଲା । ମେରୁଦଣ୍ଡରେ ଗୁରୁତର ଆଘାତ ଯୋଗୁ ଛାତିଠାରୁ ପାଦ ଅକାମୀ ହୋଇ ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇଗଲେ ଲୋକନାଥ । ଏହା ପରେ ପରିବାରର କେହି ରୋଜଗାରକ୍ଷମ ବ୍ୟକ୍ତି ନ ଥିବାରୁ ପରିବାର ଚଳାଇବା କାଠିକର ପାଠ ହୋଇ ପଡଛି। ଝିଅଟି ଭଲ ପାଠ ପଢୁଥିବାରୁ ୭ମ ଶ୍ରେଣୀ ପାସ ପରେ ପାଠପଢ଼ା ବନ୍ଦ କରିବାକୁ ସାହାସ କରିପାରୁ ନାହାନ୍ତି ପରିବାର ଲୋକେ । ଏଭଳି ସ୍ଥିତିରେ ସରକାରୀ ଓ ବେସରକାରୀ ସହାୟତା ଲୋକନାଥଙ୍କ ପାଇଁ ସ୍ୱପ୍ନ। ୪୨ ବର୍ଷର ଯୁବକ ରୋଜଗାର ବୟସରେ ଶଯ୍ୟାଶାୟୀ ହୋଇ ଅନ୍ୟ ପାଇଁ ବୋଝ ପାଲଟି ଯାଇଛନ୍ତି।

## ରକ୍ତଦାନ ଶିବିର, ୨୦ ୟୁନିଟ ସଂଗ୍ରହ

ଖଣ୍ଡପଡ଼ା,୧୪ (ସ୍ୱ.ପ୍ର.)

ଉତ୍କଳ ଦିବସ ଅବସରରେ ଖଣ୍ଡପଡା ପଠାଣି ସାମନ୍ତ ସଂଗ୍ରହାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରୁ ମୋଟ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଛି । ପଠାଣି ସାମନ୍ତ ପୂଜ୍ୟପୂଜା ଓ ମାମା ମେମୋରିଆଲ ପରିଷଦର ମିଳିତ ଆନୁକଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ଖଣ୍ଡପଡା ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ। ଖଣ୍ଡପଡା ଏସ୍ଡିପିଓ ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଅତିଥି ରୁପେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ, ସୁଶାନ୍ତ କୁମାର ମହାରଣା, ପରମେଶ୍ୱର ମହାନ୍ତି ପ୍ରମୁଖ ଶିବିରରେ ଉପସ୍ଥିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ।

# ଦଶପଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ସମାରୋହ


ଓଡ଼ିଶା ଦିବସ ସମାରୋହରେ ଯୋଗ ଦେଇଥିବା ଅତିଥି।

ଦଶପଲ୍ଲା,୧୪ (ଡି.ଏନ୍.ଏ.)

ଦଶପଲ୍ଲା ସୀତାରାମ ୟୁଥ କ୍ଲବ ଆନୁକୁଲ୍ୟରେ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଛି। ପ୍ରଭାତରେ ଦଶପଲ୍ଲାର ବହୁ ବୁଦ୍ଧିଜୀବୀ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ସୁଭାଷ ଚନ୍ଦ୍ର ବୋଷ, ରାମ ଚନ୍ଦ୍ର ମିଶ୍ର, ବିଜୁ ପଟ୍ଟନାୟକ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଅପରାହ୍ନରେ ରଘୁନାଥ ସାହୁ ମୁଖ୍ୟଅତିଥି ଓ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ଏହାକୁ ସଂଯୋଜନା କରିଥିଲେ ବିଘ୍ନେଶ୍ୱର ବେହେରା, ପଞ୍ଚାନନ ବେହେରା ଓ ପୁଷ୍ପାଞ୍ଜଳି ଗୋଛି। ଓଡ଼ିଆଭାଷାର ଭବିଷ୍ୟତକୁ ନେଇ ବିତର୍କ ହୋଇଥିଲା। ବିତର୍କରେ ଭାଗ ନେଇଥିଲେ ସାମାଜିକ କର୍ମୀ ପ୍ରଭାତ ସାହୁ, ପ୍ରଫୁଲ୍ଲ ମିଶ୍ର, ଶିକ୍ଷାବିତ୍ ପୂର୍ଣ୍ଣମାସୀ ଦେବୀ, ବିଷ୍ଣୁ ନନ୍ଦ, ଛାତ୍ରୀ ଶ୍ରଦ୍ଧାଞ୍ଜଳି, ଖରଦାତା ଶିବ ରାମ ମହାପାତ୍ର, ସଂଯୋଜନା କରିଥିଲେ ହାଡ଼ିବନ୍ଧୁ ମହାଖୁଡ଼ । ଶେଷ ଅଧ୍ୟାୟରେ ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ସୁନନ୍ଦା ସାହୁ, ପଞ୍ଚାୟତ ସମିତି ଅଧକ୍ଷା, ଇଓ ପୁନମ ପ୍ରିୟଦର୍ଶିନୀ, ଅଧକ୍ଷା ଦଶପଲ୍ଲା ଏନଏସି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ଉପଦେଷ୍ଟା ତ୍ରିନାଥ ସାହୁ।

ସେହିପରି ସ୍ଥାନୀୟ ଶିକ୍ଷକ ଭବନରେ ଅସରପ୍ରାପ୍ତ କର୍ମଚାରୀ ସଂଘ ଏ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଉତ୍କଳ ସମ୍ମିଳନୀ ପାଳିତ ହୋଇଯାଇଛି, କର୍ମଚାରୀ ସଂଘର ସଭାପତି ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ହେହେରା, ସମ୍ପାଦକ ଚରଣ ମହାରଣା, କୋଷାଧକ୍ଷ ରଙ୍କନିଧି ସାହୁ, ରବିନ୍ଦ୍ର ମିଶ୍ର ପ୍ରମୁଖ ଉଦ୍ବୋଧନ ଦେଇ ଓଡ଼ିଶା ଉପରେ ସାରଗର୍ଭକ ଭାଷଣ ଦେଇଥିଲେ,ଏଥିରେ ବହୁ କର୍ମଚାରୀ ସଂଘ ଏବଂ ବରିଷ୍ଠ ନାଗରିକ ମଞ୍ଚର ବହୁ ସଦସ୍ୟ ଯୋଗ ଦେଇଥିଲେ ।

## ଯୁବକଙ୍କୁ ଛୁରି ଭୁସି ହତ୍ୟା ପରେ ଆତ୍ମସମର୍ପଣ

ଶେରଗଡ଼, ୧୪ (ଡି.ଏନ୍.ଏ.)

ଶେରଗଡ ବ୍ଲକ ପଟାପାବୁଲି ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ପରେ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତ ଯୁବକ ହେଲେ ସୁଶାନ୍ତ ଗୌଡ଼ ଓ ଆତ୍ମସମର୍ପଣ କରିଥିବା ଯୁବକ ହେଲେ ଭାଗୀରଥି ପ୍ରଧାନ। ପ୍ରକାଶ ଯେ, ସନ୍ଧ୍ୟା ପ୍ରାୟ ୬ଟା ବେଳେ ପଟାପାବୁଲିର ସୁଶାନ୍ତ ଗୌଡ (୩୦) ପୋଖରୀରୁ ଗାଧୋଇ ଫେରୁଥିବା ବେଳେ ସେହି ଗ୍ରାମର ଭାଗରଥି ପ୍ରଧାନ (୨୫) ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୁଶାନ୍ତର ପଛପଟୁ ଛୁରି ଭୁସି ଦେଇଥିଲେ। ଫଳରେ ସୁଶାନ୍ତଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ସୁଶାନ୍ତଙ୍କ ବାପା ପୀତାମ୍ବର ଘଟଣା ସ୍ଥଳରେ ପହଞ୍ଚି ଛୁରି ବାହାର କରି ଶେରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେରଗଡ଼ ପୋଲିସ ମୃତଦେହ ଜବତ କରି ଏକ ହତ୍ୟା ମାମଲା ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଅପରପକ୍ଷରେ ଅଭିଯୁକ୍ତ ଭାଗୀରଥି ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଗତ ପ୍ରାୟ ଦେଢ଼ମାସ ତଳେ ଭାଗୀରଥି ଓ ସୁଶାନ୍ତଙ୍କ ପରିବାର ମଧ୍ୟରେ କଳହ ଲାଗିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଭାଗୀରଥି ସୁଶାନ୍ତଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପିତାମ୍ବର ଶେରଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଥାନାରେ ଆପୋସ ସମାଧାନ ହୋଇଥିଲା।

## ୧ଲକ୍ଷ ୧୫ ଶହ ୨୧ ଚାଷୀ ପାଇଲେ କାଳିଆ ସହାୟତା

ନୟାଗଡ଼ ଅଫିସ,୧୪

ସରକାର କ୍ଷୁଦ୍ର,ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ଶନିବାର ଓଡ଼ିଶା ଦିବସ ଅବସରରେ କାଳିଆ ସହାୟତା ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲାରେ ୧ ଲକ୍ଷ ୧୫ ଶହ ୨୧ ଜଣ ଚାଷୀ ୨୦ କୋଟି ୭୧ ଲକ୍ଷ ୧୬ ହଜାର ଟଙ୍କା ସହାୟତା ପାଇଛନ୍ତି। ଏଥିରୁ ୧ ଲକ୍ଷ ୧୬୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଥିବା ବେଳେ ୧୩୫୮ ଜଣ ଭୂମିହୀନ ଚାଷୀ ରହିଛନ୍ତି। ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଉଛି। ଏଥରେ ୧୦ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ରାଜ୍ୟସ୍ତରୀୟ ଜୁନିୟର ରେଡ୍କ୍ରସ୍ରେ ଗଜପତି ଜିଲାର ସଫଳତା

ଆର.ଉଦୟଗିରି, ୧୪ (ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ନୀଳାଚଳ ପଲିଟେକନିକ ଠାରେ ମାର୍ଚ୍ଚ ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ତଥା ତାଲିମ୍ କେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୨୫ ଟି ଜିଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ସାମୂହିକ ନୃତ୍ୟ, ସଙ୍ଗୀତ ଗାନ, ବିସ୍ତୃତ ଭାଷଣ, ପ୍ରବନ୍ଧ ଲିଖନ ଏବଂ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗଜପତି ଜିଲାର ଜିଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ଅନୁମୋଦନ କ୍ରମେ ଏବଂ ଜିଲା କ୍ରୀଡା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଗଜପତି ଜିଲାର ସରକାରୀ ଉଚ୍ଚ ବିଦ୍ୟାଳୟ କେ. ଏମ. ଭାଲିଆସାହି, ସରକାରୀ ଉଚ୍ଚ ବିଦ୍ୟାଳୟ ଛେଲିଗଡ଼ରୁ ମୋଟ ୧୦ ଜଣ ଜୁନିଅର ରେଡ଼କ୍ରସ ଭଲ୍ୟୁଣ୍ଟର ଅଂଶଗ୍ରହଣ କରିଥିଲେ। ଏମାନେ ଗ୍ରୁପ ଡାନ୍ସରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଶୋ'ରେ ଅଂଶ ଗ୍ରହଣ କରିଥିବା ସମସ୍ତ ଭଲ୍ୟୁଣ୍ଟରମାନଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ରୌପ୍ୟ ପଦକ ହାସଲ କରି ଜିଲାର ଗୌରବକୁ ବହୁଗୁଣିତ କରାଇଛନ୍ତି। ଉକ୍ତ କ୍ୟାମ୍ପରେ ସଞ୍ଜୀବ କୁମାର ଦାସ (ଜେଆରସିଓ), ପ୍ରହ୍ଲାଦ ଶିଅଳ, କେଦାରନାଥ କର ଆଦି କାଉନସିଲର ଭାବରେ ସମସ୍ତ ଦାୟିତ୍ୱ ସୁଚାରୁରୂପେ ବହନ କରିଛନ୍ତି। ଏଥିରେ କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟର ଧରିତ୍ରୀ ନାୟକ, ପ୍ରିୟଙ୍କା ମଣ୍ଡଳ, ଜୟନ୍ତୀ ଗମାଙ୍ଗ, ସୁମିତ୍ରା ବଡରଇତ, ସାନୁ ନାୟକ, କୃଷ୍ଣଚନ୍ଦ୍ର ଦଳାଇ, ଜ୍ୟୋତି ମଣ୍ଡଳ, ଚନ୍ଦ୍ରଶେଖର ଦଳାଇ ଏବଂ ସରକାରୀ ଉଚ୍ଚବିଦ୍ୟାଳୟ, ଛେଳିଗଡ଼ର ତାପସ ମଣ୍ଡଳ ଆଦି ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ବିଦ୍ୟାଳୟର ସୁନାମକୁ ଆହୁରି ଉଚ୍ଚସ୍ତରକୁ ନେଇଛନ୍ତି।

# ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା,ଋଣ କର୍ମଶାଳା

ନୟାଗଡ଼ ଅଫିସ,୧୪


କର୍ମଶାଳାରେ ଯୋଗଦେଇଥିବା ଅତିଥି।

ସୋଲପଟା ରଘୁନାଥପୁର ସେବା ସମବାୟ ସମିତି ଲିଃ ପକ୍ଷରୁ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ସୋସାଇଟି ସଭାପତି ସୁଶାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ରଣପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଋଣମେଳାକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ରୂପେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ,ସମ୍ମାନୀତ ଅତିଥିଭାବେ ନୟାଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ଓଡଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ସଭାପତି ଆଞ୍ଚଳିକ ବାଣିଜ୍ୟ ସମିତି ସଭାପତି ମାମୁନି ରୌଫ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ସଂଯୁକ୍ତା ପଢ଼ିହାରୀ, ଡାଇରେକ୍ଟର ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱର ସନ୍ୟାସୀ ପ୍ରଧାନ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ ମଣ୍ଡଳର ହାଡିବନ୍ଧୁ ମହାକୁଡ଼, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜାଲି, କେନ୍ଦ୍ର ସମବାୟ ବ୍ୟାଙ୍କ ନୟାଗଡ଼ର ଡ଼ାଇରେକ୍ଟର ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ ।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची

पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 194/2022-23/RWD/CHATRA, दिनांक– 21.12.2022, PR NO.- 285723 द्वारा प्रकाशित निविदा में आईडेन्टीफिकेशन संख्या– RWD /CHATRA /08 /2022-23 एवं RWD/CHATRA/09/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 79/RI/2022-23/RWD/DHANBAD, दिनांक 12.01.2023, PR NO.- 287503 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/10/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294234 Rural Work Department (22-23)_D

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 223/2022-23/RWD/DHANBAD, दिनांक 06.01.2023, PR NO.- 286901 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/24/2022-23 एवं RWD/ DHANBAD /25/ 2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294238 Rural Work Department(23-24).D

